୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାପ୍ତାହିକ ଲୋକଲକ୍ଷ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.27. No.42 Bhubaneswar Sunday March 23 2025 ୨୭ତମ ବର୍ଷ ସଂଖ୍ୟା–୪୨ ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୨୩, ୨୦୨୫ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

ଓଡ଼ିଶାକୁ ଚାରି ଆଡୁ ଘେରିଲେଣି ପଡ଼ୋଶୀ ରାଜ୍ୟ !

ଭୁବନେଶ୍ୱର, ୨୨ ।୩(ପି.ଏନ): ଓଡ଼ିଶାକୁ ଚାରି ଆଡୁ ଘେରିଲେଣି ପଡ଼ ?ଶୀ ରାଜ୍ୟ। ସୀମାନ୍ତ ଅଞ୍ଚଳକୁ ଦଖଲ କରି ନେବାକୁ ଷଡ଼ଯନ୍ତ। କୋଟିଆକୁ ନିଜ କବଜାକୁ ନେବାକୁ କେବେଠୁ ଉଦ୍ୟମ ଚଳାଇଛି ଆନ୍ଧ୍ର। ଏବେ ପଶ୍ଚିମବଙ୍ଗ ବି ଓଡ଼ିଶାରେ ପଶି ରାସ୍ତାଘାଟ ନିର୍ମାଣ କଲାଣି। ରାଜ୍ୟରେ ବିଜେପି ସରକାର ଆସିବା ପରେ ଓଡ଼ିଶାକୁ ଚାରିପଟୁ ପଡୋଶୀମାନେ ଦଖଲ କରିବାକୁ ଲାଗି ପଡ଼ିଲେଣି। କିନ୍ତୁ ଓଡ଼ିଶା ସରକାର ନିରବ। ଏହାକୁ ନେଇ ଉତ୍କଳ ସମ୍ମିଳନୀ ସମେତ ବିଭିନ୍ନ ଜନ ସଂଗଠନ ବର୍ଷିଛନ୍ତି। ସରକାର ତୁରନ୍ତ ନିଜ ରାଜ୍ୟର ସୀମା ରକ୍ଷା ପାଇଁ କାର୍ଯ୍ୟ କରନ୍ତୁ ବୋଲି ଦାବି କରିଛନ୍ତି ସେମାନେ।

ଓଡ଼ିଶାର କେଉଁ ଭାଗକୁ ଆନ୍ଧ୍ର ନେବାକୁ ଲାଗିଲାଣି ଓ କେଉଁ ଭାଗକୁ ପଶ୍ଚିମବଙ୍ଗ ଜବରଦସ୍ତ ଧସେଇ ପଶିଲାଣି। ରାଜ୍ୟରେ ବିଜେପି ସରକାର ଆସବା ପରେ ବିଭିନ୍ନ ସୀମାନ୍ତ ଅଞ୍ଚଳରେ ଏଭଳି ଅରାଜକତା ଦେଖିବାକୁ ମିଳିଛି। କୋଟିଆ ଦଖଲରେ ଆନ୍ଧ୍ର ଲାଗି ପଡିଥିବା ବେଳେ ଏବେ ପଶ୍ଚିମବଙ୍ଗ ମଧ୍ୟ ଭୋଗରାଇ ଓ ଜଳେଶ୍ୱର ଅଞ୍ଚଳରେ ଓଡିଶାକୁ ପଶି ମନଇଚ୍ଛା ନିର୍ମାଣ କରିଚାଲିଛି। ଓଡ଼ିଶାର ସୀମାକୁ ପଡୋଶୀ ରାଜ୍ୟଗୁଡିକ ଦଖଲ କରିବାକୁ ଜୋରଦାର ଉଦ୍ୟମ କରିବା ଓ ରାଜ୍ୟ ସରକାରଙ୍କ ନୀରବତାକୁ ନେଇ ବର୍ଷିଛି ଉତ୍କଳ ସମ୍ମିଳନୀ।କେତେବେଳେ ଆନ୍ଧ୍ର ତ କେତେବେଳେ ପଶ୍ଚିମବଙ୍ଗ। ଓଡିଶା ସୀମାରେ ବିଭିନ୍ନ ପଡୋଶୀ ରାଜ୍ୟ ଦାଦାଗିରି ଜାରି ରଖିବା ଓ ଓଡିଶା ଅଞ୍ଚଳକୁ ଦଖଲ କରିବା ବିରୋଧରେ ତୁରନ୍ତ ସ୍ଥାୟୀ ସମାଧାନ ପାଇଁ ଦାବି କରିଛି ସମ୍ମିଳନୀ। ଏ ନେଇ ବାରମ୍ବାର ପ୍ରସ୍ତାବ ଦିଆଯାଉଛି। ରାଜସ୍ୱ ବିଭାଗରେ ଯେମିତି ବୈ। ଦୁର୍ବିପାକ ପ୍ରଶମନ ବିଭାଗ ଖୋଲିଲା ସେମିତି ଢଙ୍ଗରେ ସ୍ୱତନ୍ତ୍ର ସୀମା ସମସ୍ୟା ସମାଧାନ ସେଲ ଖୋଲିବାକୁ ଦାବି ହୋଇଛି। ସେଥିପାଇଁ ସରକାର ସ୍ୱତନ୍ତ୍ର ବଜେଟ ଓ ମାନବସମ୍ବଳ ଦିଅନ୍ତୁ ବୋଲି ଦାବି କରିଛି ଉତ୍କଳ ସମ୍ମିଳନୀ। ସୀମାନ୍ତ ଅଞ୍ଚଳରେ ସ୍ଥାୟୀ ପାଚେରୀ କରିବାକୁ ଦାବି। ସରକାର ଏ ସମ୍ପର୍କରେ ସିରିୟସ ହେବା ଉଚିତ। ନଚେତ ବିଭିନ୍ନ ଆଡେ ଏଭଳି ରୋଗ ବାହାରିବ। ପଡୋଶୀ ରାଜ୍ୟର ସରକାର ଓ ସେଠାକାର ଲୋକେ ମଧ୍ୟ ଓଡିଶାକୁ ମାଡି ବସିବାକୁ ବସିଛନ୍ତି। ପଡୋଶୀ ରାଜ୍ୟର ଏହି ଜବରଦଖଲ ଧାରା ଭାଙ୍ଗିବାକୁ ଦାବି। ସୀମାନ୍ତ ଲୋକଙ୍କୁ ସୁବିଧା ଦିଆଯାଉ। ଜିଲ୍ଲା ଓ ବ୍ଲକ ପ୍ରଶାସନ ମଧ୍ୟ ଦୃଷ୍ଟି ଦେଉ ନାହାଁନ୍ତି। ତୁରନ୍ତ ସୀମାନ୍ତ ବିକାଶ ପରିଷଦ ଗଢାଯାଉ। ଏ ସମ୍ପର୍କରେ ସରକାରଙ୍କୁ ଲିଖିତ ଆକାରରେ ଦିଆଯାଇଛି। ରାଜସ୍ୱ ମନ୍ତ୍ରୀଙ୍କ ସହ ଆଲୋଚନା ହୋଇଛି କିନ୍ତୁ ଏ ଯାଏ କିଛି ହେଉ ନାହିଁ। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ଉତ୍କଳ ସମ୍ମିଳନୀର ପ୍ରତିନିଧି ।ସେପଟେ ବିଭିନ୍ନ ଜନସଂଗଠନ ରାଜ୍ୟର ସ୍ୱାର୍ଥ ସମ୍ବଳିତ ଏଭଳି ଏକ ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟକୁ କଡା ଭାଷାରେ ସମାଲୋଚନା କରିଛନ୍ତି। ଏ ପ୍ରସଙ୍ଗରେ ସରକାର ଓ ମୁଖ୍ୟମନ୍ତ୍ରୀଙ୍କୁ ଟାର୍ଗେଟ କରିଛି ଓଡିଶା ବିକାଶ ପରିଷଦ। ରାଜ୍ୟର ବିଜେପି ସରକାର ବିକାଶର ସଂଜ୍ଞା କହିଲେ ସୁଭଦ୍ରା ଯୋଜନାରେ ୫ ହଜାର ଦେଇଦେଲେ ହେଲା ବୋଲି ଭାବୁଛନ୍ତି। ଓଡ଼ିଶାର ଭାଷା ଓ ମାଟିର ସୁରକ୍ଷା ହେଉଛି ପ୍ରକୃତ ବିକାଶ। କିନ୍ତୁ ବିଧାନସଭାରେ ବିଜେପିର ବରିଷ୍ଠ ବିଧାୟକ ଓଡ଼ିଶାର ବିଭାଜନକାରି ମନ୍ତବ୍ୟ ଦେଉଛନ୍ତି ଓ ମୁଖ୍ୟମନ୍ତ୍ରୀ ନିରବଦ୍ରଷ୍ଟା ସାଜିଛନ୍ତି। ଏହାଠୁ ଦୁଃଖଦ କଥା କିଛି ନାହିଁ। ପଡୋଶୀ ରାଜ୍ୟ ଓଡିଶା ସୀମାକୁ ନିଜ ରାଜ୍ୟରେ ମିଶାଇବା କୁ ସବୁ ଉଦ୍ୟମ କରୁଛନ୍ତି କିନ୍ତୁ ନିଜ ଓଡିଶାର ଅଞ୍ଚଳକୁ ସୁରକ୍ଷା ଦେବାରେ ବିଫଳ ରାଜ୍ୟ ସରକାର। ଓଡିଶା ବିକାଶ ପରିଷଦର ଏକ ଟିମ ଓଡ଼ିଶାର ବିଭିନ୍ନ ସୀମା ଅଞ୍ଚଳ ଗସ୍ତ କରିବା ସହ ଓଡିଶା ସରକାର ତୁରନ୍ତ ଏ ଉପରେ ପଦକ୍ଷେପ ନେବାକୁ ଦାବି ହୋଇଛି। ବିଜେପିର ଭୁଲ ନୀତି ପାଇଁ ଓଡିଶା ଲୋକେ ଏବେ ହାହାକାରରେ। ପଶ୍ଚିମବଙ୍ଗ ଓ ଆନ୍ଧ୍ରପ୍ରଦେଶ ଓଡିଶାର ଅଞ୍ଚଳକୁ ନେଇ ଯାଉଛନ୍ତି। ଓଡିଶାକୁ ବିଖଣ୍ଡିତ ହେବାରୁ କେବେ ବଞ୍ଚାଇବେ ରାଜ୍ୟ ବିଜେପି ସରକାର ବୋଲି ପ୍ରଶ୍ନ କରିଛି ନାଗରିକ ସୁରକ୍ଷା ମଞ୍ଚ ।ତାହେଲେ ଏବେ ଓଡିଶାବାସୀଙ୍କୁ ବି ଅନ୍ୟ ରାଜ୍ୟକୁ ଦେଇଦିଅନ୍ତୁ ବୋଲି ସରକାରଙ୍କୁ କଡା ଭାଷାରେ କହିଲା ମଞ୍ଚ। ଓଡିଶାବାସୀ ଏବେ ଓଡ଼ିଶାରେ ସୁରକ୍ଷିତ ନାହାନ୍ତି। ଯେଉଁ ଛଳନା କରି ମିଛ କହି ବିଜେପି ସରକାର ଭୋଟ ନେଇଛନ୍ତି ତାର ଜବାବ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦିଆଯିବ ବୋଲି କୁହାଯାଇଛି। ବିଜେପି ମହାନଦୀ କଥା କହି କୁମ୍ଭୀର କାନ୍ଦଣା କାନ୍ଦୁଥିଲେ ବିରୋଧୀ ଦଳରେ ଥିବାବେଳେ। ଏବେ ମହାନଦୀ ଶୁଖିଲା ପଡିଛି ସରକାର କଣ କରୁଛନ୍ତି ବୋଲି ଉଠିଛି ପ୍ରଶ୍ନ। ପାଣି, ଜଙ୍ଗଲ , ପାହାଡ଼ ଓ ରାଜ୍ୟର ଜମି ସବୁ ଦେଇଦେଲେ। ଏବେ କଣ ଓଡିଶାକୁ ପଡ଼ୋଶୀଙ୍କୁ ଦେଇଦେବେ କି ବୋଲି ପ୍ରମୁଖ ଜନ ସଂଗଠନ ପ୍ରଶ୍ନ କରିଛନ୍ତି।

ଧରାପଡ଼ିଲା ପାନ ଦୋକାନରେ ବେଆଇନ ନିଶା କାରବାର: ଭୁବନେଶ୍ୱରରେ ସ୍ୱତନ୍ତ୍ର କ୍ରାଇମ୍ ୟୁନିଟ୍ ଚଢାଉ

ଭୁବନେଶ୍ୱର, ୨୨ ।୩(ପି.ଏନ): ଅବକାରୀ ଅଧିକାରୀମାନେ ଥଣ୍ଡା ପାନୀୟ ବୋତଲରେ ମଦ ବିକ୍ରି କରୁଥିବା ଏକ ନେଟୱାର୍କକୁ ଠାବ କରିବାର ଗୋଟିଏ ଦିନ ପରେ, ଶନିବାର ଭୁବନେଶ୍ୱରରେ ଏକ ପାନ ଦୋକାନର ଆଡ଼ ଦେଇ ଚାଲିଥିବା ଏକ ବେଆଇନ ଗଞ୍ଜେଇ କାରବାରର ପର୍ଦ୍ଦାଫାସ କରିଛି ସ୍ୱ ?ଶାଲ୍ ଅପରାଧ ୟୁନିଟ୍ ।ଗୁପ୍ତ ସୂଚନା ପାଇ ପ୍ରବର୍ତ୍ତନ ଅଧିକାରୀମାନେ ଏକ ଅତର୍କିତ ଚଢାଉ କରି ଗଞ୍ଜେଇ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟ ବଣ୍ଟନରେ ସମ୍ପୃକ୍ତ ଏକ ସୁସଂଗଠିତ ନେଟୱାର୍କକୁ ପର୍ଦ୍ଦାଫାସ କରିଥିଲେ।"ଆମକୁ ଏକ ସୂଚନା ମିଳିଥିଲା, ଆମେ ଅଧିକ ପରିମାଣର ଗଞ୍ଜେଇ ଜବତ କରିନାହୁଁ କିନ୍ତୁ ସିଗାରେଟ୍ ରୋଲ୍ ଜବତ କରାଯାଇଛି। ଆମେ ସମ୍ପୂର୍ଣ୍ଣ ନେଟୱାର୍କକୁ ଭାଙ୍ଗିବାକୁ ଚେଷ୍ଟା କରିବୁ," ସ୍ୱେଶାଲ୍ ଅପରାଧ ୟୁନିଟ୍ ମୁଖ୍ୟ ଅନୁପ କାନୁନଗୋ କହିଛନ୍ତି ।ଚଢାଉ ସମୟରେ, ସ୍ୱତନ୍ତ୍ର ଅପରାଧ ୟୁନିଟ୍ ଅବୈଧ ବ୍ୟବସାୟରେ ସମ୍ପୃକ୍ତ ଅନେକ ବ୍ୟକ୍ତିଙ୍କୁ ଧରିଥିଲେ। ଏହି ଅଭିଯାନରେ ଆଇନ ପ୍ରବର୍ତ୍ତନକାରୀଙ୍କ ପକ୍ଷରୁ ତୀବ୍ର ପ୍ରୟାସ ଦେଖିବାକୁ ମିଳିଥିଲା, କାରଣ ଅଧିକାରୀମାନେ ଅଭିଯୁକ୍ତଙ୍କୁ ପିଛା କରି ଧରିଥିଲେ, ଯେଉଁମାନେ ପ୍ରଥମେ ଗିରଫଦାରୀରୁ ରକ୍ଷା ପାଇବାକୁ ଚେଷ୍ଟା କରିଥିଲେ। ପାନ ଦୋକାନ ଯାଞ୍ଚ କରିବା ପରେ, କର୍ତ୍ତୃପକ୍ଷ ବେଆଇନ ସିଗାରେଟ୍ ଏବଂ ଅନ୍ୟାନ୍ୟ ନିଶାଦ୍ରବ୍ୟ ସାମଗ୍ରୀ ସହିତ ବହୁ ପରିମାଣର ଗଞ୍ଜେଇ ଜବତ କରିଥିଲେ। ଏହି ପଦାର୍ଥର ଉଦ୍ଧାର ଏହି ଅଞ୍ଚଳରେ କାର୍ଯ୍ୟରତ ନିଶା ନେଟୱାର୍କର ଖୁଲାସା କରିଛି।ଚଢାଉ ପରେ, ପୋଲିସ ନିଶାଦ୍ରବ୍ୟ କାରବାର ସହିତ ଜଡିତ ସନ୍ଦେହରେ ଅନେକ ଯୁବକଙ୍କୁ ଅଟକ ରଖିଛି। ସେମାନଙ୍କୁ ପଚରାଉଚରା ପାଇଁ ନିଆଯାଇଛି, ଏବଂ ବେଆଇନ କାରବାରରେ ଜଡିତ ଅନ୍ୟମାନଙ୍କୁ ଚିହ୍ନଟ କରିବା ପାଇଁ ଅଧିକ ତଦନ୍ତ ଚାଲିଛି।

କ୍ରିକେଟ୍ ବେଟିଂରେ ୩ କୋଟିରୁ ଅଧିକ ଟଙ୍କା ଆତ୍ମସାତ କରିଦେଲେ ପିଇଓ ଗିରଫ କଲା ଭିଜିଲାନ୍ସ

ଭୁବନେଶ୍ୱର, ୨୨ ।୩(ପି.ଏନ): କ୍ରିକେଟ୍ ବେଟିଂରେ ସରକାରୀ ପାଣ୍ଠିର ଅପବ୍ୟବହାର ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ଶନିବାର ଜଣେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ)ଙ୍କୁ ଗିରଫ କରିଛି। କଳାହାଣ୍ଡି ଜିଲ୍ଲାର ଥୁଆମୁଳ-ରାମପୁର ବ୍ଲକ୍ ଅନ୍ତର୍ଗତ ପୋଡପଦା ଏବଂ ଡାଳନେଗି ଗ୍ରାମ ପଞ୍ଚାୟତର ପୂର୍ବତନ ପିଇଓ ଦେବାନନ୍ଦ ସାଗର ଆଗରୁ ନିଲମ୍ବିତ ଅଛନ୍ତି। ସରକାରୀ କ୍ଷମତାର ଅପବ୍ୟବହାର କରି ଏବଂ ଚ.ର.ଗ.ଜ. ବ୍ୟବହାର କରି ଚେକ୍ ଏବଂ ଅନଲାଇନ୍ ଟ୍ରାନ୍ସଫର ମାଧ୍ୟମରେ ଉପରୋକ୍ତ ଗ୍ରାମ ପଂଚାୟତ(ଜିପି)ର ସରପଞ୍ଚଙ୍କ ଦସ୍ତଖତ ଜାଲ କରି ଦୁଇଟି ଜିପିର ୧୫ ଟି ସିଏଫସି ଏବଂ ୫ମ ଏସଏଫସି ଆକାଉଣ୍ଟ ଅଧୀନରେ ୩.୨୬ କୋଟି ଟଙ୍କା (ଡାଳନେଗି ଜିପିରୁ ୧,୭୧,୮୬,୩୪୨/- ଟଙ୍କା ଏବଂ ପୋଡାପଦର ଜିପିରୁ ୧,୫୫,୦୦,୭୫୮/- ଟଙ୍କା) ସରକାରୀ ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ଏହି ସମସ୍ତ ଟଙ୍କାକୁ ସେ (ପବ୍ଲିକ୍ ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ୍) କଳାହାଣ୍ଡି ଜିଲ୍ଲାର ଧରମଗଡ଼ ବଜାର ଶାଖାରେ ଥିବା ତାଙ୍କ ବ୍ୟକ୍ତିଗତ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ଦେବାନନ୍ଦଙ୍କୁ ୪ ଜୁଲାଇ, ୨୦୧୬ରେ ତାଳନେଗି ଜି.ପି.ରେ ପିଇଓ ଭାବରେ ନିଯୁକ୍ତି ଦିଆଯାଇଥିଲା। ସେ ତାଳନେଗି ଜି.ପି. ସହିତ ପୋଡାପଦର ଜି.ପି.ର ଆଇ/ସି ପିଇଓ ମଧ୍ୟ ଥିଲେ। ସେ ୫ ମଇ ୨୦୧୮ ରୁ ୧୭ ମାର୍ଚ୍ଚ ୨୦୨୨ ମଧ୍ୟରେ ଉଭୟ ଜି.ପି.ରୁ ସରକାରୀ ପାଣ୍ଠିର ଅପବ୍ୟବହାର ଆରମ୍ଭ କରି ଅନଲାଇନ୍ ପୋର୍ଟାଲ୍ ଉଇଜଜଡଖଇଣ ମାଧ୍ୟମରେ କ୍ରିକେଟ୍ ବେଟିଂ ପାଇଁ ବ୍ୟବହାର କରିଥିବା ଅଭିଯୋଗ ହୋଇଛି।

ଡିଲିମିଟେସନ ବୈଠକ : ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ

ଭୁବନେଶ୍ୱର, ୨୨ ।୩(ପି.ଏନ): ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନଙ୍କ ଦ୍ୱାରା ଆହୂତ ସୀମା ନିର୍ଦ୍ଧାରଣ ସମ୍ପର୍କିତ ମିଳିତ (ଔକ୍ଟସଭପ୍ସ ଇମପ୍ସସକ୍ଟଭ ଉକ୍ଟଙ୍କଞ୍ଜସପ୍ସପ୍ସରର) କାର୍ଯ୍ୟକାରୀ କମିଟି ବୈଠକରେ ବିଜୁ ଜନତା ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ଦେଇଥିବାରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧିଦଳ ନେତା ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଓ କୃତଜ୍ଞତା ।ଜନସଂଖ୍ୟା ନିୟନ୍ତ୍ରଣ ଭଳି ଏକ ଜାତୀୟ କାର୍ଯ୍ୟକ୍ରମକୁ ଓଡ଼ିଶା ସଫଳ ଭାବେ କାର୍ଯ୍ୟକାରୀ କରିଥିବାରୁ ଲୋକଙ୍କ ଗଣତାନ୍ତ୍ରିକ ପ୍ରତିନିଧିତ୍ୱ ଏବଂ ଅଧିକାର ସୁନିଶ୍ଚିତ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ। ବିଜୁ ଜନତା ଦଳ ଓଡ଼ିଶାର ଲୋକଙ୍କ ସ୍ୱାର୍ଥର ସାମ୍ବିଧାନିକ ସୁରକ୍ଷା ଦେବା ପାଇଁ ପ୍ରୟାସ କରିବ। ଆମ ଦେଶର ସର୍ବୋଚ୍ଚ ପ୍ରତିନିଧି ସଭା (ଲୋକସଭା) ଆସନ ସଂଖ୍ୟା ନିର୍ଣ୍ଣୟ କରିବା ପାଇଁ ଜନସଂଖ୍ୟାକୁ ଏକମାତ୍ର ମାନଦଣ୍ଡ ହେବା ଉଚିତ୍ ନୁହେଁ। ଦ୍ୱିତୀୟତଃ, ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ କେନ୍ଦ୍ର ସରକାରଙ୍କୁ ସମସ୍ତ ଦଳ ସହିତ ଏକ ବିସ୍ତୃତ ଆଲୋଚନା କରିବାକୁ ପରାମର୍ଶ ଦେଇଛନ୍ତି ଯାହା ଦ୍ୱାରା ଗଣତନ୍ତ୍ର ପାଇଁ ସୁଦୂରପ୍ରସାରୀ ପ୍ରଭାବ ପକାଇଥିବା ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସହମତି ହେବା ସହ ଏକ ସମୃଦ୍ଧ ଭାରତବର୍ଷ ଗଠନର ଜାତୀୟ ଆବଶ୍ୟକତା ପୂରଣ ହେଇପାରିବ ।ଏହି ଜାତୀୟ ସମ୍ମିଳନୀରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ କାର୍ଯ୍ୟକ୍ରମ ରୂପାୟନ କମିଟିର ଆବାହକ ସଞ୍ଜୟ କୁମାର ଦାସବର୍ମା ତାଙ୍କ ବକ୍ତବ୍ୟରେ କହିଛନ୍ତି ଜନସଂଖ୍ୟା ନିୟନ୍ତ୍ରଣ କରିବାରେ ଆମ ରାଜ୍ୟ ଓଡ଼ିଶା ଭାରତ ସରକାରଙ୍କର ଜନସଂଖ୍ୟା ନିୟନ୍ତ୍ରଣ ଭଳି ଏକ ଜାତୀୟ କାର୍ଯ୍ୟକ୍ରମକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିଛି। ଜାତୀୟ ପ୍ରଗତିରେ ଓଡ଼ିଶାର ଯୋଗଦାନ ଅତୁଳନୀୟ। ଓଡ଼ିଶାର ଖଣିଜ ସମ୍ପଦ କେବଳ ରାଜ୍ୟ ନୁହେଁ ଭାରତ ବର୍ଷ ଅର୍ଥନୀତି କୁ ସମୃଦ୍ଧ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛି। ଆମର ଖଣିଜ ସମ୍ପଦ କୁ ନେଇ ଦେଶ ବିକଶିତ ହୋଇଛି ।ଓଡ଼ିଶାର ଚାଷୀ କୂଳର ଅଦ୍ୟମ ପରିଶ୍ରମ ଓ ପୂର୍ବତନ ନବୀନ ସରକାରଙ୍କ ସଫଳ କୃଷି ନିତି ଫଳରେ ଓଡ଼ିଶାର କୃଷକ, ଭାରତ ବର୍ଷର ଖାଦ୍ୟ ଭଣ୍ଡାର କୁ ତୃତୀୟ କୃଷି ଉତ୍ପାଦନକାରୀ ପ୍ରମୁଖ ରାଜ୍ୟ ଭାବେ ରେ ଭାରତ ବର୍ଷର ଅର୍ଥନୀତିକୁ ଓଡ଼ିଶାର ଚାଷୀ କୂଳର ଅବଦାନ ଅତୁଳନୀୟ । ପ୍ରଜାତନ୍ତ୍ର ରେ ଓଡ଼ିଶାର ପ୍ରତିନିଧିତ୍ୱ କେବଳ ଏକ ରାଜନୈତିକ ଆବଶ୍ୟକତା ନୁହେଁ ଏହା ଆମର ସାମ୍ବିଧାନିକ ଅଧିକାର। ଏହି ବୈଠକକୁ ରାଜ ନୈତିକ ଦୃଷ୍ଟି କୋଣରୁ ବିଚାର ନକରି ୨୦୨୬ ମସିହାରେ ହେବାକୁ ଯାଉଥିବା ଜନଗଣନା ରେ ଓଡ଼ିଶା ର ସାମ୍ବିଧାନିକ ଅଧିକାର ଅକ୍ଷୁର୍ଣ୍ଣ ରହିବା ପାଇଁ ଆମକୁ ପ୍ରତ୍ୟେକ ସ୍ତରରେ ସଂଗ୍ରାମ କରିବାକୁ ପଡିବ।

ଆହୁରି ୩ ଦିନ କାଳବୈଶାଖୀ ବର୍ଷାରେ ଭିଜିବ ଓଡିଶା

ଭୁବନେଶ୍ୱର, ୨୨ ।୩(ପି.ଏନ): କାଳବୈଶାଖୀ ପ୍ରଭାବରେ ଆହୁରି ୨୪ ଘଣ୍ଟା ପ୍ରବଳ ବର୍ଷା ହେବ। ୧୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଙ୍ଗ ସହ କୁଆପଥର ମାଡ଼ ହେବାର ସତର୍କତା ଜାରି କରାଯାଇଛି। ଆଜି ଅନେକ ସ୍ଥାନରେ ବର୍ଷା ହେବା ସହିତ କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। ୭ରୁ ୧୧ ସେମି ବର୍ଷା ରେକର୍ଡ କରାଯାଇଛି। ବାଲେଶ୍ୱର ,ଭଦ୍ରକ, ଯାଜପୁର,କେନ୍ଦ୍ରାପଡା, ମୟୁରଭଞ୍ଜ ଓ କେନ୍ଦୁଝରରେ ଅରେଞ୍ଜ ୱାର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ କେନ୍ଦ୍ର । ବିଜୁଳି ଘଡଘଡି ସହ ହାଲୁକାରୁ ମଧ୍ୟମ ଧରଣର ଓ କୁଆପଥର ବର୍ଷାକୁ ନେଇ ଜଗତସିଂହପୁର,କଟକ, ଢେଙ୍କାନାଳ, ଅନୁଗୁଳ ଦେଓଗଡ ଓ ସୁନ୍ଦରଗଡରେ ଅରେଞ୍ଜ ୱାର୍ଣ୍ଣିଙ୍ଗ ଜାରି କରିଛି ପାଣିପାଗ କେନ୍ଦ୍ର । ଏହି ସମୟରେ ୫୦ ରୁ ୬୦ କିମି ପବନ ବହିବାର ସମ୍ଭାବନା ରହିଛି। ସେହିପରି ଝାରସୁଗୁଡା, ସୋନପୁର ବରଗଡ଼, ସମ୍ବଲପୁର, ବୌଦ୍ଧ, ନୟାଗଡ, କନ୍ଧମାଳ, କଳାହାଣ୍ଡି ପୁରୀ ଗଜପତି, ଗଂଜାମ, ରାୟଗଡା,କୋରାପୁଟ ମାଲକାନଗିରି, ନୂଆପଡା,ବଲାଙ୍ଗୀର ଓ ନବରଙ୍ଗପୁର ରେ ବିଜୁଳି ଘଡଘଡି ବର୍ଷାକୁ ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ। ଆସନ୍ତା କାଲିଠାରୁ ବର୍ଷାର ପରିମାଣ କମିବ। ୨୪ ତାରିଖ ଯାଏ ରାଜ୍ୟରେ କାଳ ବୈଶାଖୀ ବର୍ଷା ହେବାର ସମ୍ଭାବନା ଥିବା ବେଳେ ୨୫ ପରେ ପାଗରେ ପରିବର୍ତ୍ତନ ଆସିବ। ପରେ ଧୀରେ ଧୀରେ ତାପମାତ୍ରା ବଢିବା ସହ ୨ ରୁ ୫ ଡିଗ୍ରୀ ତାପମାତ୍ରା ପୁଣି ବୃଦ୍ଧି ହେବ ଓ ଅସହ୍ୟ ତାତି ଦେଖାଯିବ ବୋଲି ପୂର୍ବାନୁମାନ ପାଣିପାଗ ବିଭାଗ। ବାରିପଦାରେ ସର୍ବାଧିକ ୧୨୩.୪ ମିମି ବର୍ଷା ହୋଇଛି। କେନ୍ଦୁଝର ଯୋଡ଼ାରେ ୮୪.୫ ମିମି, ସୁନ୍ଦରଗଡ ରାଜଗାଙ୍ଗପୁରରେ ୭୦.୨ ମିମି, କେନ୍ଦୁଝର ସରପଡାରେ ୬୧.୬ ମିମି ବର୍ଷା ରେକର୍ଡ ହୋଇଛି।

କାଳବୈଶାଖୀ ନେଲା ଜୀବନ, ବଜ୍ରାଘାତରେ ଦଶମ ଛାତ୍ରଙ୍କ ମୃତ୍ୟୁ

ଦିଗପହଣ୍ଡି, ୨୨ ।୩(ପି.ଏନ): କାଳବୈଶାଖୀ ବର୍ଷାରେ ବଜ୍ରପାତ ଯୋଗୁଁ ଚାଲିଯାଇଛି ଦଶମ ଶ୍ରେଣୀ ଛାତ୍ରଙ୍କ ଜୀବନ। ସକାଳୁ ସକାଳୁ ସ୍କୁଲ ଯାଇଥିଲେ। ହେଲେ ସ୍କୁଲରୁ ଫେରିବା ବେଳେ ବର୍ଷା ସହ ଘଡ଼ଘଡ଼ି ହୋଇଥିଲା। ଆଉ ସେହି ରାସ୍ତା ଉପରେ ନାବାଳକ ଜଣକ ବଜ୍ରାଘାତର ଶିକାର ହୋଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବଜ୍ରାଘାତ ହୋଇଛି ଦିଗପହଣ୍ଡିଠାରେ। ବମକେଇ-କୁମରଡ଼ା ରାସ୍ତାରେ ଛାତ୍ର ଜଣକ ବଜ୍ରପାତରେ ଶିକାର ହୋଇଛନ୍ତି। ନାରାୟଣପାଟଣା ଗାଁର ୧୦ମ ଶ୍ରେଣୀରେ ପଢୁଥିଲେ ଛାତ୍ର ଜଣକ ।ଯଦି ଦେଖିବା ଏବେ ରାଜ୍ୟର ପ୍ରାୟ ସବୁ ସ୍ଥାନରେ କାଳବୈଶାଖୀ ବର୍ଷା ହେଉଛି। କିଛି କିଛି ସ୍ଥାନରେ ପ୍ରବଳ ବର୍ଷା ସାଙ୍ଗକୁ ବିଜୁଳି, ଘଡ଼ଘଡ଼ି ଓ ପବନ ମଧ୍ୟ ହେଉଛି। ଆଉ ଏହି କାଳବୈଶାଖୀ ବର୍ଷା ଡଜଣେ ୧୦ମ ଶ୍ରେଣୀ ଛାତ୍ରଙ୍କ ଜୀବନ ନେଇଯାଇଛି। ସ୍କୁଲରୁ ଫେରିବା ବାଟରେ ବଜ୍ରପାତରେ ଶିକାର ହୋଇଛନ୍ତି।

ନାହିଁ ନାହିଁରେ ଚାଲିଛି ଦାରିଙ୍ଗବାଡି ବ୍ଲକ ଗଦାପୁର ଚିକିତ୍ସାଳୟ

ଭୁବନେଶ୍ୱର, ୨୨ ।୩(ପି.ଏନ): ନାହି

ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର, ଲାଗିଛି ୧୬୦୦ ହୀରା

ଆପଣ ତ ଘରେ ଅନେକ ସମୟରେ ଚା ପିଉଥିବେ । କେବଳ ଆପଣ ନୁହଁନ୍ତି ବରଂ ଭାରତର ସବୁଠାରୁ ଅଧିକ ଲୋକ ପାନୀୟ ଭାବେ ଚା ପିଇଥାନ୍ତି । ଅଧିକାଂଶ ଲୋକ ଚା 'ପିଇବା ସହିତ ସକାଳ ଆରମ୍ଭ କରନ୍ତି । ଦେଶରେ ବିଭିନ୍ନ ଢଙ୍ଗରେ ଚା ପ୍ରସ୍ତୁତ କରାଯାଏ । ଯେମିତିକି ମସାଲା ଚା, ଗୁଜୁରାତି ଚା, ଅଦା ଚା କୁ ଅଧିକାଂଶ ଲୋକ ପସନ୍ଦ କରୁଥିବାବେଳେ ଅତିଥିମାନଙ୍କୁ ଚା 'ଦେବାବେଳେ ପ୍ରାୟ ଲୋକ ଚା କପ ସହ ଚାମଚ ଏବଂ ପ୍ଲେଟ ବ୍ୟବହାର କରିଥାନ୍ତି । ତେବେ ଆମେ ଯଦି ଆପଣଙ୍କୁ କହିବୁ ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର ବାବଦରେ ଆପଣ ଜାଣିଛନ୍ତି କି ? ତେବେ ଆପଣ ବୋଧେ ଜାଣିନଥିବେ । ଆଜି ଆମେ ଆପଣଙ୍କୁ ବିଶ୍ୱର ସବୁଠାରୁ ଦାମୀ ଚା ପାତ୍ର ବାବଦରେ କହିବୁ, ଯାହାର ମୂଲ୍ୟ ଶୁଣିବା ପରେ ଆପଣଙ୍କ ହୋସ ଉଡିଯିବ । ଗିନିଜ ୱାର୍ଲ୍ଡ ରେକର୍ଡ ଇନଷ୍ଟାଗ୍ରାମରେ ଦୁନିଆର ସବୁଠୁ ଦାମୀ ଚା ପାତ୍ରର ଫଟୋ ସେୟାର କରିଛି । ଏହି ଚା ପାତ୍ରର ମୂଲ୍ୟ ପ୍ରାୟ ୩ ମିଲିୟନ ଡଲାର ହୋଇଥିବାବେଳେ ଏହାକୁ ଇଟାଲୀର ଜଣେ ଅଳଙ୍କାର ନିର୍ମାତା ଫ୍ରୁବିଓ ସ୍କୋବିଆ ତିଆରି କରିଥିଲେ । ତେବେ ଆପଣ ପଚାରିବେ ଏହାର ମୂଲ୍ୟ ଏତେ ଅଧିକ କାହିଁକି ? ବାସ୍ତବରେ ଏହି ଚା ପାତ୍ରରେ ସୁନା ଓ ରୂପା ବ୍ୟବହୃତ ହୋଇଥିବାବେଳେ ଏଥିରେ ୧୬୫୮ଟି ହୀରା ଲାଗିଛି । ଏହାର ହ୍ୟାଣ୍ଡେଲ ପାଇଁ ହାତୀ ଦାନ୍ତ ବ୍ୟବହାର କରାଯାଇଥିବାବେଳେ ଚା ପାତ୍ରର ଢାଙ୍କୁଣୀରେ ଥାଇଲାଣ୍ଡର ୩୮୬ଟି ରୁବି ରତ୍ନ ଲାଗିଛି । ସୁନା, ରୂପା, ହୀରା, ରୁବି ଏବଂ ହାତୀ ଦାନ୍ତରେ ନିର୍ମିତ ଏହି ସୁନ୍ଦର ଚା ପାତ୍ର ଦର୍ଶକଙ୍କୁ ସ୍ତବ୍ଧ କରିଦିଏ । ଏହି ଦାମୀ ଚା ପାତ୍ରକୁ ସେପ୍ଟେମ୍ବର ୬, ୨୦୧୬ରେ ଗିନିଜ୍ ୱାର୍ଲ୍ଡ ରେକର୍ଡ ସବୁଠାରୁ ମହଙ୍ଗା ଚା' ପାତ୍ର ଭାବରେ ମାନ୍ୟତା ଦେଇଛି । ଗିନିଜ ୱାର୍ଲ୍ଡ ରେକର୍ଡ ଅନୁଯାୟୀ ଏହି ଚା ପାତ୍ରର ମାଲିକାନା ଏନ ସେଟିଆ ଫାଉଣ୍ଡେସନ ପାଖରେ ଥିବାବେଳେ ଏହି ଫାଉଣ୍ଡେସନ ହେଉଛି ଏକ ଦାନକାରୀ ସଂସ୍ଥା ଯାହାକି ଲଣ୍ଡନରେ ଶିକ୍ଷା, ଆଧ୍ୟାତ୍ମିକ କାର୍ଯ୍ୟକଳାପ ଏବଂ ଚିକିତ୍ସା ଅନୁସନ୍ଧାନରେ ନିୟୋଜିତ ରହିଛି । ଦାନକାରୀ ସଂସ୍ଥାର ପ୍ରତିଷ୍ଠାତା ତଥା ନ୍ୟୁବି ଚା'ର ଅଧ୍ୟକ୍ଷ ନିର୍ମଳ ସେଟିଆ ଚା'କୁ ସମ୍ମାନ ଦେବା ପାଇଁ ଏକ ଅମୂଲ୍ୟ ଚା ପାତ୍ର ତିଆରି କରିବାକୁ ଚାହୁଁଥିଲେ ଏବଂ ଏହାର ନିର୍ମାଣ କରାଇଥିଲେ ।

ଅଭିନେତ୍ରୀ ମାହିରା ଖାନ

ପାକିସ୍ତାନୀ ଅଭିନେତ୍ରୀ ମାହିରା ଖାନ । ଯିଏ ପାକିସ୍ତାନୀ ଇଣ୍ଡଷ୍ଟ୍ରିର ଏକ ଅବିଶ୍ୱସନୀୟ ଏବଂ ପ୍ରତୀକାତ୍ମକ ବ୍ୟକ୍ତିତ୍ୱ । ଲଲିଉଡର ଅନ୍ୟତମ ସୁନ୍ଦର ତଥା ପ୍ରତିଭାବାନ ସେଲିବ୍ରିଟି ଅଟନ୍ତି । ମାହିରା ଖାନ ହେଉଛନ୍ତି ଏକମାତ୍ର ଅଭିନେତ୍ରୀ ଯିଏକି ବଲିଉଡ ତାରକା ଶାହାରୁଖ ଖାନଙ୍କ ସହ ପାକିସ୍ତାନୀ ଅଭିନେତ୍ରୀ ଭାବରେ କାମ କରିଛନ୍ତି । ଏହି ତାରକା ପାକିସ୍ତାନୀ ମନୋରଞ୍ଜନ ଇଣ୍ଡଷ୍ଟ୍ରିରେ ଏକ ଚମତ୍କାର କ୍ୟାରିୟର କରିଛନ୍ତି । ମାହିରା କେବଳ ଜଣେ ଦକ୍ଷ ଅଭିନେତ୍ରୀ ନୁହଁନ୍ତି; ସେ ଜଣେ ସଫଳ ଉଦ୍ୟୋଗୀ । ଯିଏ ଏକ ଫ୍ୟାଶନ୍ ପୋର୍ଟାଲ୍, ପୋଷାକ ବ୍ରାଣ୍ଡ ଏବଂ ଏକ ପ୍ରଡକ୍ସନ୍ ହାଉସ୍ ଚଳାନ୍ତି । ଏହି ଅଭିନେତ୍ରୀ ଆଜଲାନଙ୍କ ପୁଅ ପାଇଁ ଏକମାତ୍ର ପିତାମାତା ଅଟନ୍ତି । ବର୍ତମାନ ପାକିସ୍ତାନୀ ଗଣମାଧ୍ୟମରେ ପ୍ରକାଶିତ କିଛି ରିପୋର୍ଟ ଅନୁଯାୟୀ, ୩୮ ବର୍ଷୀୟା ଅଭିନେତ୍ରୀ ପୁଣିଥରେ ପ୍ରେମରେ ପଡିଛନ୍ତି । ଆସନ୍ତା ମାସରେ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି । କେବଳ ଘନିଷ୍ଠ ପରିବାର ଏବଂ ସାଙ୍ଗମାନେ ଉପସ୍ଥିତ ରହିବେ । ଏହି ସମୟରେ ମେଗା ଲାଇଫ ଷ୍ଟାଇଲ ଟିଭିରେ ପ୍ରକାଶିତ ଏକ ରିପୋର୍ଟରେ କୁହାଯାଇଛି ଯେ ପାକିସ୍ତାନର ପଞ୍ଜାବ ଅଂଚଳର ଏକ ହିଲ୍ ଷ୍ଟେସନରେ ଏହି ସମାରୋହ ଅନୁଷ୍ଠିତ ହେବ । ତାଙ୍କ ପ୍ରଥମ ବିବାହ ୨୦୦୭ରେ ହୋଇଥିଲା ୨୦୧୫ରେ ଦୁହେଁ ଅଲଗା ହୋଇଯାଇଥିଲେ । ବର୍ତମାନ ସେ ଦୀର୍ଘ ସମୟ ଧରି ସଲିମ୍ କରିମ୍ ସହିତ ରିଲେଶନସିପ୍‌ରେ ଅଛନ୍ତି । ପ୍ରଶଂସକମାନେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି କି ୩୮ ବର୍ଷରେ ଅଭିନେତ୍ରୀ ପୁଣି ବିବାହ କରିବାକୁ ଯାଉଛନ୍ତି ।

ନିର୍ଦ୍ଦେଶନା ଦେବେ ଦିଶା ପଟାନୀ

ବଲିଉଡ୍‌ର ବୋଲ୍ଡ ଅଭିନେତ୍ରୀ ଦିଶା ପଟାନି । ବର୍ତମାନ ତାଙ୍କର ମ୍ୟୁଜିକ୍ ଭିଡିଓ 'କ୍ୟୁଁ କରୁ ଫିକର'ରେ ଆସିବେ ନଜର । ଏହା ଜରିଆରେ ସେ ନିର୍ଦ୍ଦେଶନା କ୍ଷେତ୍ରରେ ଏଂଟ୍ରି କରିବାକୁ ଯାଉଛନ୍ତି । ସୋସିଆଲ ମିଡିଆରେ ମ୍ୟୁଜିକ୍ ଭିଡିଓର ପୋଷ୍ଟର ସେୟାର କରି ଫ୍ୟାନ୍‌ଙ୍କୁ ଏହି ସୂଚନା ଦେଇଛନ୍ତି । ପୋଷ୍ଟରରେ ଦିଶା ବିନ୍ଦାସ୍ ଲୁକ୍‌ରେ ଦେଖିବାକୁ ମିଳିଛନ୍ତି । 'ହୁଇ ମଲଙ୍ଗ'ଠୁ ଆରମ୍ଭ କରି 'ସ୍ନୋ ମୋସନ୍' ଓ 'ଡୁ ୟୁ ଲଭ୍ ମି' ଭଳି ନିଜ ଗୀତରେ ଦମ୍‌ଦାର ଡ୍ୟାନ୍ସ କରି ଲୋକଙ୍କ ହୃଦୟରେ ସ୍ଥାନ ସୃଷ୍ଟି କରିଛନ୍ତି । ହେଲେ ଏଥର ଏହି ମ୍ୟୁଜିକ୍ ଭିଡିଓରେ ତାଙ୍କର ଭିନ୍ନ ଲୁକ୍ ଦେଖିବାକୁ ପାଇବେ ଦର୍ଶକ । ଦିଶାଙ୍କ ଅପ୍‌କମିଙ୍ଗ ଫିଲ୍ମ ଅଛି 'ଯୋଦ୍ଧା' । ଏଥିରେ ସେ ସିଦ୍ଧାର୍ଥ ମଲହୋତ୍ରାଙ୍କ ଅପୋଜିଟ୍‌ରେ ନଜର ଆସିବେ । ୨୦୧୫ ମସିହାରେ ତେଲୁଗୁ ଫିଲ୍ମ 'ଲୋଫର' ଜରିଆରେ ସେ ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ । ସୁଶାନ୍ତ ସିଂହ ରାଜପୁତଙ୍କ ଫିଲ୍ମ 'ଏମ୍.ଏସ୍. ଧୋନି: ଦ ଅନ୍‌ଟୋଲ୍ଡ ଷ୍ଟୋରୀ' ଜରିଆରେ ସେ ବଲିଉଡ୍‌ରେ କ୍ୟାରିଅର ଆରମ୍ଭ କରିଥିଲେ । ତା'ପରେ ଚାଇନିଜ୍ ଆକ୍ସନ୍ କମେଡି 'କୁଙ୍ଗ ଫୁ ୟୋଗା', 'ବାଗି-୨', 'ଭାରତ', 'ମଲଙ୍ଗ' ଓ 'ଏକ୍ ଭିଲେନ୍ ରିଟର୍ନସ'ରେ ଲିଡ୍ ଲେଡି ଭାବେ ନଜର ଆସିଥିଲେ ।

କୋଡ଼ିଏ ହାତିଆ ସାମୁଦ୍ରିକ ଜୀବ

ରାମାୟଣରେ ରାବଣର କୋଡ଼ିଏଟି ହାତ ଥିଲା ବୋଲି ସେ ବିଂଶବାହୁ ନାମରେ ମଧ୍ୟ ପରିଚିତ । ନିକଟରେ ଆମେରିକାର ସାନ୍ ଡିଏଗୋ ସ୍ଥିତ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଗବେଷକମାନେ ଆଂଟାର୍କଟିକା ମହାସାଗରରେ ସେଭଳି ଏକ ବିଂଶବାହୁକୁ ଠାବ କରିଛନ୍ତି । ଅବଶ୍ୟ ଏହି ସାମୁଦ୍ରିକ ଜୀବଟିର ମଣିଷ ପରି ପାପୁଲି ଓ ଆଙ୍ଗୁଠିଯୁକ୍ତ ହାତ ନାହିଁ । ତାହାର ବାହୁଗୁଡ଼ିକ ଅକ୍ଟୋପସର ବାହୁ ସଦୃଶ; କିନ୍ତୁ ତା'ର ଆଠଟି ବଦଳରେ ଦଶଯୋଡ଼ା ଗଣ୍ଠିଯୁକ୍ତ ବାହୁ ରହିଛି । ପ୍ରଥମ ନଜରରେ ଏହା ପୃଥିବୀ ବାହାରର ଜୀବ ବା ଏଲିଏନ୍ ପରି ଜଣାପଡ଼ିଥାଏ । ଟିକେ ନିରେଖି ଦେଖିଲେ ତାହାର ମୁଣ୍ଡ ପାଖଟି ଠିକ୍ ଷ୍ଟ୍ରବେରି ପରି ଦେଖାଯାଇଥାଏ । ଉକ୍ତ ଅମେରୁଦଣ୍ଡୀ ପ୍ରାଣୀଟିର ବୈଜ୍ଞାନିକ ନାମ 'ପ୍ରୋମାକୋକ୍ରିନସ୍ ଫ୍ରାଗାରିସ୍' ରଖାଯାଇଛି । ଲାଟିନ୍ ଶବ୍ଦ ଫ୍ରାଗାରିଅସ୍‌ରୁ ଆସିଥିବା 'ଫ୍ରାଗମ୍'ର ଅର୍ଥ ଷ୍ଟ୍ରବେରି, ତେଣୁ ତାହାର ନାମକରଣ ଏପରି ହୋଇଛି । ସମୁଦ୍ର ପତନର ୨୧୫ ଫୁଟରୁ ୩,୮୪୦ ଫୁଟ ଗଭୀରତାରୁ ଏହା ଆବିଷ୍କୃତ ହୋଇଛି । 'ଫିଦର ଷ୍ଟାର' ନାମକ ସାମୁଦ୍ରିକ ଜୀବ ପରି ଏହା ଦେହରେ ସୂକ୍ଷ୍ମ ପରଯୁକ୍ତ ଅଙ୍ଗମାନ ଅଛି ଯାହା ତାକୁ ପହଁରିବାରେ ସାହାଯ୍ୟ କରିଥାଏ । ତେଣୁ ତାହାକୁ ପ୍ରାଣୀବିଜ୍ଞାନୀମାନେ 'ଆଂଟାର୍କଟିକ୍ ଷ୍ଟ୍ରବେରି ଫିଦର ଷ୍ଟାର' ନାମରେ ନାମିତ କରିଛନ୍ତି ।

ଘରୁ ଗନ୍ଧ ବାହରିଲେ କ'ଣ କରିବେ...

ବର୍ଷାଦିନେ ପ୍ରାୟ ଲୋକଙ୍କ ଘରୁ ଭିନ୍ନ ଭିନ୍ନ ଗନ୍ଧ ବାହାରିଥାଏ । ଯାହା ବେଳେ ବେଳେ ମୁଡ୍ ଖରାପ କରି ଦେଇଥାଏ । ଘରୁ ସୁବାସିତ ବାସ୍ନା ବାହାରିବା ଦ୍ୱାରା ମନଖୁସି ହେବା ସହ ଯେକୌଣସି କାମ କରିବା ପାଇଁ ମୁଡ୍ ହୋଇଥାଏ । କେବଳ ଘରକୁ ସଫା ରଖିଲେ ଏହି ସମସ୍ୟା ଦୂର ହୁଏନି । ବରଂ ଘରେ ପବନ ଯା'ଆସ କରିବାକୁ ସ୍କାଏଲାଇଟ୍ ବା ବଡ଼ ଝରକା ରହିଥିବା ଆବଶ୍ୟକ । ସେହିପରି ଘରର ଦୁର୍ଗନ୍ଧ ଦୂର କରିବା ପାଇଁ ଘରର ଭୂଇଁ, ଅଳିଆ ପାତ୍ର, ଫ୍ରିଜ୍ ଓ ମାଇକ୍ରୋୱେଭ୍ ଆଦି ମଧ୍ୟ ସଫା ରଖିବା ଦରକାର । ଏହାବ୍ୟତୀତ ପ୍ରାୟ ସବୁବେଳେ ବନ୍ଦ ରହୁଥିବା ଆଲମିରାକୁ ସଫା ନ କଲେ ମଧ୍ୟ ଗନ୍ଧ ବାହାରିଥାଏ । ଗନ୍ଧକୁ ସ୍ଥାୟୀ ଭାବେ ଦୂର କରିବାକୁ ହେଲେ ମାଇକ୍ରୋୱେଭରର ସହାୟତା ନେଇପାରିବେ ।

– ମାଇକ୍ରୋୱେଭ୍‌ର ବେକିଂ ଟ୍ରେରେ ସାମାନ୍ୟ ଡାଳଚିନି ଗୁଣ୍ଡ ସହ ୨/୩ଟି ଲବଙ୍ଗ ପକାଇ ବେକ୍ କରି ନିଅନ୍ତୁ । ଏବେ ମାଇକ୍ରୋୱେଭ୍‌ର ଡୋର ଖୋଲି ଦିଅନ୍ତୁ । ସମ୍ପୂର୍ଣ୍ଣ ଘର ମସଲା ବାସ୍ନାରେ ମହକି ଉଠିବ ।

– ଘରେ ଯଦି ଫୁଲ ରଖୁଥାନ୍ତି, ତେବେ ତା' ସହିତ କିଛି ହର୍ବ୍ସ ମଧ୍ୟ ରଖନ୍ତୁ । ଏହା ଘରକୁ ସୁବାସିତ କରି ରଖିବ । ଏହାଛଡା ଘରର ଝରକା ପାଖରେ ଲେମନ୍ ଗ୍ରାସ୍ ଗଛକୁ ରଖି ଦିଅନ୍ତୁ । ଘର ଭିତରେ ହାଲ୍‌କା ଓ ଧୀମା ଧୀମା ବାସ୍ନା ଅନୁଭବ କରିପାରିବେ ।

– ଯଦି ରୋଷେଇ ଘରୁ କୌଣସି ଗନ୍ଧ ବାହାରୁଥାଏ, ତେବେ ଏହାକୁ ଡିପ୍ କ୍ଲିନ୍ କରି ନିଅନ୍ତୁ । ଗନ୍ଧ କମିଯିବ । ରୋଷେଇ ଘରେ ଥିବା ଏଗ୍‌ଜଷ୍ଟ, ଗ୍ୟାସ୍ ଚିମିନି, ଲାଇଟ୍, ବଲ୍‌ବ ଆଦିରେ ତେଲ ଜମିବା ଯୋଗୁ ସେଥିରୁ ଗନ୍ଧ ବାହାରିଥାଏ । ତେଣୁ ଏହାକୁ ସଫା କରି ନେଲେ ଗନ୍ଧ ଆପେ ଆପେ ଦୂର ହୋଇଯିବ ।

ଖୋର୍ଦ୍ଧା ଜିଲ୍ଲାର ସଂସ୍କୃତି ଭବନ ଭିତ୍ତି ପ୍ରସ୍ତର ସ୍ଥାପନ

ଖୋର୍ଦ୍ଧା,(ପି.ଏନ): ଦିନ ୧୧.ଘଣ୍ଟିକା ସମୟରେ ମାନ୍ୟବର ସାଂସଦ ଭୁବନେଶ୍ୱର ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ ଙ୍କ କରକମଳରେ ନୂତନ ଜିଲ୍ଲା ସଂସ୍କୃତି ଭବନ, ଖୋରଧା ନିର୍ମାଣ ନିମନ୍ତେ ଭିତ୍ତି ପ୍ରସ୍ତର ପଡ଼ିବାର କାର୍ଯ୍ୟକ୍ରମ ଉଦ୍ଘାଟନ ସୋଇଯାଇଛି । ୮୮୧୫୮୪୪/- ଟଙ୍କା ବ୍ୟୟ ଅଟକଳରେ ଜିଲ୍ଲା ସଂସ୍କୃତି ଭବନ, ଖୋର୍ଦ୍ଧା ନିର୍ମାଣ କାର୍ଯ୍ୟକ୍ରମ ପୂର୍ତ୍ତ ବିଭାଗ, ଖୋର୍ଦ୍ଧା ପକ୍ଷରୁ କରାଯାଉଛି କ୍ଷ ମୁଖ୍ୟତଃ ଏହା ୫୦୦ଲୋକ ବସିବା ବିଶିଷ୍ଟ ଏକ ଅଡ଼ିଟୋରିଅମ ଯାହାକି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବୈଠକ ପାଇଁ ବ୍ୟବହାର କରାଯିବ କ୍ଷ ସାଂସ୍କୃତିକ ବିକାଶ କ୍ଷେତ୍ରରେ ଏହା ସହଯୋଗ କରିବ ଓ ବିଭିନ୍ନ ସାଂସ୍କୃତିକ ଦଳ ଙ୍କ କାର୍ଯ୍ୟକ୍ରମ ପରିବେଷଣ ପାଇଁ ଏହା ଏକ ମୁଖ୍ୟ ମାଧ୍ୟମ ହୋଇପାରିବ କ୍ଷ ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ, ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦ୍ଦେବ, ସମ୍ମାନନୀୟା ଅଧକ୍ଷା, ଜିଲ୍ଲା ପରିଷଦ ଖୋର୍ଦ୍ଧା ରୁପଶ୍ରୀରାଣୀ ଗୁମାନସିଂହ , ସମାନନୀୟ ଅଧକ୍ଷା, ପଞ୍ଚାୟତ ସମିତି, ଖୋର୍ଦ୍ଧା ଶ୍ରୀମୟୀ ପ୍ରିୟଦର୍ଶିନୀ,ବିଜେପି ପ୍ରେସିଡେଣ୍ଟ,ଖୋର୍ଦ୍ଧା, ରଶ୍ମି ରଞ୍ଜନ ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ,ବିଡ଼ିଓ କ୍ଷୀରାବ୍ଧି ତନୟା ସାହୁ ବହୁ ସମ୍ମାନୀୟ ସମ୍ମାନୀୟା ଦଳୀୟ ବ୍ୟକ୍ତିତ୍ୱ , ଜିଲ୍ଲା ସଂସ୍କୃତି ଅଧିକାରୀ, ଚୋ ?ଧୁରା ଅରବିନ୍ଦ ଦାସ,ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ଖୋର୍ଦ୍ଧା ଜ୍ୟୋସ୍ନାମୟୀ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ ।

ଉତ୍ସବ ଉତ୍ତର ଓଡ଼ିଶା ପାଇଁ ପ୍ରସ୍ତୁତି ବୈଠକ, ଚାରି ଜିଲ୍ଲାକୁ ଏକ ସୂତ୍ରରେ ବାନ୍ଧିବାର ନିଆରା ପରମ୍ପରା ର ପ୍ରୟାସ

କେନ୍ଦୁଝର ,(ପି.ଏନ): କେନ୍ଦୁଝର ,ମୟୂରଭଞ୍ଜ, ବାଲେଶ୍ୱରଓ ବାରିପଦା ଜିଲ୍ଲା ର କଳା ଐତିହ୍ୟ ସଂସ୍କୃତି, ପରମ୍ପରା କୁ ଉଦଜିବିତ କରିବା ତଥା ବିକାଶ କରିବା ଲକ୍ଷ୍ୟ ରେ ଆସନ୍ତା ଜାନୁଆରୀ ୩୧ ରୁ ଫେବୃଆରି ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଥିବା 'ଉତ୍ସବ ଉତ୍ତର ଓଡ଼ିଶା'କାର୍ଯ୍ୟକ୍ରମ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ କେନ୍ଦୁଝର ରୋଟାରୀ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇ ଯାଇଛି ।ଉତ୍ସବ ଉତ୍ତର ଓଡ଼ିଶା ସଂଯୋଜକ ସଞ୍ଜୀବ ଗିରି ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକ ରେ ଉତ୍ସବ କୁ ସରସ ସୁନ୍ଦର ଓ ଚିତ୍ତାକର୍ଷକ କରିବା ପାଇଁ ବିଭିନ୍ନ ପଦକ୍ଷେପ ବିଷୟରେ ଆଲୋଚନା କରା ଯାଇଥିଲା ।ଏହି ବୈଠକ ରେ ଚାରି ଜିଲ୍ଲା ର ବିଭିନ୍ନ କ୍ଷେତ୍ର ରେ ପରଦର୍ଶୀ ବ୍ୟକ୍ତିତ୍ୱ କୁ ଚୟନ କରାଯାଇ ଏହି ଉତ୍ସବ ରେ ବିଶେଷ ଭାବେ ସମ୍ମାନିତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଗଲା ।ଦଳମତ ନିର୍ବିଶେଷରେ କୌଣସି ରାଜନୈତିକ ଚିନ୍ତାଧାରା ରୁ ଉର୍ଦ୍ଧ୍ୱ ରେ ରହି କାର୍ଯ୍ୟକ୍ରମ କୁ ସଫଳ କରିବା ପାଇଁ ବୈଠକ ରେ ଆହ୍ୱାନ ଦିଆ ଯାଇଥିଲା ।ଏହି ଉତ୍ସବ ର ସାଂସ୍କୃତିକ କାର୍ଯ୍ୟକ୍ରମ ଅବସରରେ ଚାରି ଜିଲ୍ଲା ର ବିଭିନ୍ନ କଳାକାର ଙ୍କ କଳା ପ୍ରଦର୍ଶନ ସହିତ ଓଲିଉଡ ନାଇଟ ଓ ବଲିଉଡ ନାଇଟ୍ କରାଯିବା ବିଷୟରେ ସୂଚନା ଦିଆଯାଇଥିଲା ।ଏହା ସହିତ କେନ୍ଦୁଝର ର ଆଦିବାସୀ ନୃତ୍ୟ,ମୟୂରଭଞ୍ଜ ର ଛଉ,କେନ୍ଦୁଝର ର ବଡି,ଭଦ୍ରକ ର ପାଳୁଅ ଲଡୁ ଆଦି ଷ୍ଟଲ ମାନଙ୍କରେ ପ୍ରଦର୍ଶନ କରାଯିବ ବୋଲି ନିଷ୍ପତି ନିଆ ଯାଇଛି ।ଏହି ବୈଠକରେ ରୋଟାରୀ କ୍ଲବ୍ ସମ୍ପାଦକ ଦୀପକ ନାୟକ,ସଂଗ୍ରାମ ଦାସ,ପ୍ରଫୁଲ୍ଲ କୁମାର ସାହୁ,ଡାକ୍ତର ସଞ୍ଜୀବ କୁମାର ଓଡା,ସୁଧାଂଶୁ ଶେଖର ପଟ୍ଟନାୟକ,ଆଲୋକ ମିଶ୍ର,ଆଇନ ଜିବୀ ମୋହନ ପରିଡା,ଶିକ୍ଷାବିତ୍ ରାଜେନ୍ଦ୍ର ପଲେଇ,ନୃତ୍ୟ ଗୁରୁ ଗୁରୁ ଦାସ,ସୁନେଶ ଧିର,ସାମ୍ବାଦିକ ସୁତ୍ତଳ ସେଠୀ,ସୁକୁମାର ପାଣିଗ୍ରାହୀ,ସତ୍ୟଜିତ ସାମନ୍ତରାୟ,ସରୋଜ ମହନା,ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ,ଶୁଭମ୍ ରାଜ ପ୍ରମୁଖ ଉପସ୍ଥିତ ଥିଲେ ।

ସ୍ମାଟ ଇକେକ୍ଟ୍ରି ମିଟର ପରିବର୍ତ୍ତନ ପ୍ରତିବାଦରେ ବେଣ୍ଟକାର ବିଦ୍ୟୁତ କାଯ୍ୟାଳୟ ଘେରାଉ କଲା ୟୁନିୟନ ଫର କଟକ ସଦର ଡେଭେଲପମେଣ୍ଟ

କଟକ ୟ,(ପି.ଏନ): ୟୁନିୟନ ତରଫରୁ କଟକ ୪୨ ମୌଜା ବେଣ୍ଟକାର ବିଦ୍ୟୁତ କାଯ୍ୟାଳୟ ସାମ୍ନାରେ ସଂଗଠନର ଶତାଧିକ କର୍ମକର୍ତ୍ତା ଜୋଗ ଦେଇ ପ୍ରତିବାଦ କରିବା ସହିତ ଏକ ଦାବିପତ୍ର ବେଣ୍ଟକାର ବିଦ୍ୟୁତ କାଯ୍ୟାଳୟ ପରିଚାଳକ ଦୀପକ ସାହୁଙ୍କ ଜରିଆରେ ମୁଖ୍ୟ ପରିଚାଳକ ପ୍ରଦାନ କରାଗଲା । ପ୍ରକାଶ ଥାଉକି ଚଳିତ ମାସ ଠାରୁ ଙ୍ଗସଷ୍ମସକ୍ଟଭ ଷ୍ପରମଷ କମ୍ପାନୀ ର ମିଟର ଲାଗିଥିବା ଉପଭୋକ୍ତା ଙ୍କ ବିଦ୍ୟୁତ୍ ବିଲ୍ ଗୁଡ଼ିକୁ ମିଟର ଖରାପ ଦର୍ଶାଇ ବଙ୍ଗ-ରକ୍ତବଶର ବିଲ୍ ପ୍ରଦାନ କରାଯାଉଛି । ନୂଆ ମିଟର ର ମୂଲ୍ୟ କୁ ଉପଭୋକ୍ତା ଦେବେ ଯାହା ପାଖା ପାଖି ୭ ହଜାର ଟଙ୍କା ପଡ଼ି ପାରେ । ଶୀତ ଦିନ ରେ ବିଲ୍ ବଙ୍ଗରକ୍ତବଶର ହେଇ ଥିବାରୁ ଖରା ଦିନ ରେ ନିଶ୍ଚିତ ବ୍ୟବହାର ବଢିବା ସହିତ ବିଲ୍ ବୃଦ୍ଧି ହବ । ତେଣୁ ପୂର୍ବ ୬ ମାସ ବିଲ୍ କୁ ହିସାବ କୁ ନେଲେ ଶୀତ ଦିନେ କମ୍ ବ୍ୟବହାର ଥିଲେ ମଧ୍ୟ ଖରା ଦିନ ର ଯେତିକି ଆସିବ ସେଇ ଅନୁସାରେ ପୂର୍ବ ପଇସା ଦେବେ । ଏଭଳି ଶୋଷଣ ନୀତି ବିରୁଦ୍ଧରେ ଆଜି ବିକ୍ଷୋଭ କରାଯିବ ସହିତ ୭ ଦିନ ମଧ୍ୟରେ ଏହା ସମାଧାନ କରିବାକୁ ସଂଗଠନ ପକ୍ଷରୁ ଦାବିକରାଯାଇଛି ବୋଲି

ଜନଶୁଣାଣିରେ ଏସାର ମିନମେଟ୍ କାରଖାନାକୁ ଅଞ୍ଚଳବାସୀଙ୍କ ସମର୍ଥନ

କେନ୍ଦୁଝର ଜିଲ୍ଲା ର ସଦର ତହସିଲ ଅନ୍ତର୍ଗତ ଟିକରପଡ଼ା ଓ କାଦଗଡ଼ ଠାରେ ମେସର୍ସ ଏସାର ମିନିମେଟ୍ ଲିମିଟେଡ୍ ର ବାର୍ଷିକ ୧୪. ୩ ଏମଟିପିଏ କ୍ଷମତା ବିଶିଷ୍ଟ ଆଇରନ୍ ଓର ବେନିଫିକେସନ ପ୍ରକଳ୍ପ ସ୍ଥାପନ କରିବା ପାଇଁ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଜନଶୁଣାଣୀ ମହାଦେଇଜୋଡ଼ ଠାରେ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି କ୍ଷ ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳୀକ କାର୍ଯ୍ୟାଳୟ ପକ୍ଷରୁ ଜନଶୁଣାଣୀ ରେ ୪୪ ଜଣ କାରଖାନା ପ୍ରତିଷ୍ଠା ପାଇଁ ନିଜର ମତ ରଖିଥିବା ବେଳେ ୮୭ ଜଣ ଲିଖିତ ଭାବେ ନିଜର ମତରଖିଥିଲେ କ୍ଷ ଏଥିରେ କେନ୍ଦୁଝର ଅତିରିକ୍ତ ଜିଲ୍ଲାପାଳ ଆଲୋକ ପ୍ରଧାନ ଜନଶୁଣାଣୀରେ ଅଧକ୍ଷତା କରିଥିବା ବେଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧିକାରୀ ଇଂ ପ୍ରଶାନ୍ତ କର ଜନଶୁଣାଣୀରେ କାରଖାନା ଦ୍ୱାରା ପ୍ରଭାବିତ ଗ୍ରାମବାସୀ ମାନଙ୍କର ମତାମତ କୁ ଲିପିବଦ୍ଧ କରିଥିଲେ କ୍ଷ ସଦର ତହସିଲଦାର ଶୁଭେନ୍ଦୁ କୁମାର ସାହୁ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିଲେ କ୍ଷ ଏହି ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ସ୍ଥାନୀୟ ଅଞ୍ଚଳର ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ପାରିପାର୍ଶ୍ୱିକ ଉନ୍ନତି ପାଇଁ ସବୁ ପ୍ରକାର କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସୂଚନା ଦେଇଥିଲେ କ୍ଷ କାରଖାନା ନିର୍ମାଣ ସମୟରେ ୧୧୦୦ ରୁ ଅଧିକ ଲୋକ କାମ କରିବେ ଓ କାରଖାନା ପ୍ରତିଷ୍ଠା ହେଲେ ୪୦୦ ରୁ ଅଧିକ ଲୋକ କର୍ମନିଯୁକ୍ତି ପାଇବେ କ୍ଷ କାରଖାନାକୁ କଞ୍ଚାମାଲ ପରିବହନ ପାଇଁ ଏକ ସ୍ୱତନ୍ତ୍ର ରାସ୍ତା ରାଜପଥ କୁ ସିଧାସଳଖ ଯୋଡି ହେବ କ୍ଷ କେନ୍ଦୁଝର ଜିଲ୍ଲାର ଶିଳ୍ପ ପ୍ରତିଷ୍ଠା ପାଇଁ ଏହି କାରଖାନା ଏକ ଆଶାର ଝଲକ ହେବ ବୋଲି ସାଧରଣରେ ଆଲୋଚନା ହେଉଛି କ୍ଷ କେନ୍ଦୁଝର ରୁ ଜିଲ୍ଲା ପ୍ରତିନିଧି ସୁତ୍ତଳ କୁମାର ସେଠୀ ଙ୍କ ରିପୋର୍ଟ୍ ଅନୁଧ୍ୟାନ ଟିଭି ।

ମେଧାବୀ ଛାତ୍ରୀଙ୍କ ରୋପଣ ହେଲା କୃତ୍ରିମ ଦନ୍ତ

ସମ୍ବଲପୁର,(ପି.ଏନ): ବୁର୍ଲାସ୍ଥିତ ନିକି ଦୀପଙ୍କ ସ୍ୱଇଚ୍ଛା ସହାୟତାରେ ବେସରକାରୀ ଦନ୍ତ ବିଶେଷଜ୍ଞଙ୍କ ଦ୍ୱାରା କୃତ୍ରିମ ଦାନ୍ତ ରୋପଣ କରାଯାଇଛି କ୍ଷ ନିକି ଦୀପ ଜଣେ ଦଶମ ଶ୍ରେଣୀର ମେଧାବୀ ଛାତ୍ରୀ । କୌଣସି କାରଣବଶତଃ ତାଙ୍କ ଆଗ ଦାନ୍ତ ଦୁଇଟି ଭାଙ୍ଗି ଯାଇଥିଲା । ସେଥିପାଇଁ ପାଇଁ ସେ ନିଜକୁ ଲୋକଙ୍କୁ ସାମ୍ନା କରିବାରେ ସଂକୋଚ ମନେ କରୁଥିଲେ । ତାଙ୍କ ପିତା ଗୌରବ ଦୀପ ଜଣେ ଦିନ ମଜୁରିଆ ହୋଇଥିବାରୁ ଝିଅର କୃତ୍ରିମ ଦନ୍ତ ରୋପଣ କରିପାରୁନଥିଲେ । ଖବର ପାଇ ସ୍ୱଇଚ୍ଛାର ସ୍ୱେଚ୍ଛାସେବୀ ନିକିକୁ ଆଣି ବେସରରକାରୀ ଦନ୍ତ ବିଶେଷଜ୍ଞଙ୍କୁ ଦେଖାଇଥିଲା । ତାଙ୍କ ପରାମର୍ଶକ୍ରମେ ପାଟିର ଉପରିଭାଗରେ ଭାଙ୍ଗି ଯାଇଥିବା ଦାନ୍ତ ଯାଗାରେ ଦୁଇଟି କୃତ୍ରିମ ଦାନ୍ତ ପ୍ରତିରୋପଣ କରାଯାଇଥିଲା । ଯାହା ନିକିଙ୍କ ମୁହଁରେ ପୁଣି ଥରେ ହସ ଫେରାଇଆଣିଛି କ୍ଷ ଉକ୍ତ ମହତ କାମରେ ଅଭିଷେକ ଲିମା, ଆର୍ତ୍ତତ୍ରାଣ ଶତପଥୀ, ଅଭିଳାଷ ହୋତା, ଆତିଶ ଶତପଥୀ, ଶ୍ରୀଧର ପଟ୍ଟନାୟକ ସମେତ ତ୍ରିଲୋଚନ ବିଶି ସମସ୍ତ ସହଯୋଗ କରିଥିଲେ ।

କଥାକାର ରଞ୍ଜନ ପ୍ରଧାନଙ୍କୁ କେନ୍ଦ୍ରାପଡ଼ା ପୁସ୍ତକ ମେଳା 'ଯୁବ ସାହିତ୍ୟ ପୁରସ୍କାର'

ଫୁଲବାଣୀ,(ପି.ଏନ): ଚଳିତ ୨୦୨୫ ବର୍ଷ ପାଇଁ ସମ୍ମାନଜନକ କେନ୍ଦ୍ରାପଡ଼ା ପୁସ୍ତକ ମେଳା 'ଯୁବ ସାହିତ୍ୟ ପୁରସ୍କାର' ବିଶିଷ୍ଟ କଥାକାର ଡ. ରଞ୍ଜନ ପ୍ରଧାନଙ୍କୁ ପ୍ରଦାନ କରାଯାଇଛି । କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ୍?) ପକ୍ଷରୁ ଆୟୋଜିତ ଦ୍ୱାବିଂଶତମ କେନ୍ଦ୍ରାପଡ଼ା ପୁସ୍ତକ ମେଳାର ଉଦ୍?ଯାପନୀ ଉତ୍ସବରେ ଡ. ପ୍ରଧାନଙ୍କୁ ମାନପତ୍ର, ପ୍ରଶସ୍ତି ଫଳକ, ଉତ୍ତରୀୟ ଏବଂ ନଗଦ ପାଞ୍ଚ ସହସ୍ର ମୁଦ୍ରା ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଛି । କେନ୍ଦ୍ରାପଡ଼ା ସହରର ମହିପାଳ ପଡ଼ିଆରେ ଆୟୋଜିତ ପୁସ୍ତକ ମେଳାର ଉଦ୍?ଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସଂସ୍କୃତି ଗବେଷକ ଅନୀଲ କୁମାର ଧୀର, ମୁଖ୍ୟବକ୍ତା ସାହିତ୍ୟିକ ଡ. ବିଜୟାନନ୍ଦ ସିଂହ, ସମ୍ମାନିତ ଅତିଥି କବି ନିରାକାର ଦାସ, କେମ୍?ର ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟ, 'କେମ୍?'ର ସଭାପତି ଅକ୍ଷୟ କୁମାର ପାଣି, ସମ୍ପାଦକ ମହମ୍ମଦ ଜାହିଦ୍? ଖାନ୍? ପ୍ରମୁଖ ଉପସ୍ଥିତ ରହି ଡ. ପ୍ରଧାନଙ୍କୁ ପୁରସ୍କୃତ କରିଥିଲେ। ଡ. ପ୍ରଧାନ ବର୍ତ୍ତମାନ କନ୍ଧମାଳ ଜିଲ୍ଲାରେ ଜଣେ ବରିଷ୍ଠ ସାମ୍ବାଦିକ ଭାବେ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କର ୩୦ ଖଣ୍ଡରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇ ପାଠକୀୟ ଆଦୃତିଲାଭ କରିପାରିଛି। ତାଙ୍କ ଲିଖିତ ଉପନ୍ୟାସ 'ଗୋବରୀ ନଈର ଗୀତ' ଏବଂ 'ଧରଣୀପେନୁ' ପାଇଁ ସେ ସମଗ୍ର ଓଡ଼ିଆ ସାହିତ୍ୟ ଜଗତରେ ଚର୍ଚ୍ଚାର ଶୀର୍ଷରେ ଅଛନ୍ତି। ଏହି ପୁରସ୍କାର ଲାଭ କରିବା ପରେ ଡ. ପ୍ରଧାନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି ।

ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଯାପିତ

ତେଲକୋଇ,(ପି.ଏନ): ତେଲକୋଇ ବ୍ଲକ ସିରିଗିଡା ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମଧ୍ୟମିକ ବିଦ୍ୟାଳୟ ରେ ଆତ୍ମରକ୍ଷା ପରୀକ୍ଷଣ ଶିବିର ଶନିବାର ଦିନ ଅଧକ୍ଷ ହରିହର ପତି ଙ୍କ ସଭାପତିତ୍ୱ ରେ ଉଦଯାପିତ ହୋଇ ଯାଇଛି କ୍ଷ ପ୍ରଶିକ୍ଷିକା ଜ୍ୟୋତିର୍ମୟୀ ବେହେରା ପ୍ରଥମ ବାର୍ଷିକ ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା ର ବିଭିନ କୌଶଳ ୮ଦିନ ଧରି ତାଲିମ୍ ପ୍ରଦାନ କରିଥିଲେ କ୍ଷ କାର୍ଯ୍ୟକ୍ରମ ର ସଂଯୋଜିକା ସବିତା ସାହୁ ଓ ଜୟନ୍ତୀ ମହାନ୍ତ ଶିବର ପରିଚାଳନା କରିଥିଲେ କ୍ଷ କାର୍ଯ୍ୟକ୍ରମ ର ଉଦଯାପନି ସଭା ରେ ଅଧକ୍ଷ ତଥା ଅନ୍ୟାନ୍ୟ ଅଧ୍ୟାପକ ଯଥା ଚିତ୍ତରଞ୍ଜନ ପରିଡା, ସୁମନ୍ତ କୁମାର ସାହୁ, ନରେନ୍ଦ୍ର କୁମାର ଶତପଥି ଛାତ୍ରୀ ମାନେ ପ୍ରାଥମିକ ସ୍ତରରେ ନିଜକୁ ନିଜେ କିପରି ରକ୍ଷା କରି ପାରିବେ ସେ ସମ୍ପର୍କରେ ଉଦବୋଧନ ଦେବା ସହିତ ତାଲିମ୍ ପ୍ରାପ୍ତ ଛାତ୍ରୀ ମାନଙ୍କୁ ଆତ୍ମରକ୍ଷା ର ମାନପତ୍ର ପ୍ରଦାନ କରିଥିଲେ।

ସର୍ବ ଭାରତୀୟ ବେସାମରିକ କ୍ୟାରମ ପ୍ରତିଯୋଗିତା

ଭୁବନେଶ୍ୱର,(ପି.ଏନ): ବାଲେବାଡ଼ି (ପୁନେ), ମହାରାଷ୍ଟ୍ର ଠାରେ ହେବାକୁ ଥିବା ସର୍ବ ଭାରତୀୟ ବେସାମରିକ କ୍ୟାରମ ପ୍ରତିଯୋଗିତା ଆସନ୍ତା ତା- ୧୭.୦୨.୨୦୨୫ ଠାରୁ ତା- ୨୨.୦୨.୨୦୨୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥି ପାଇଁ ଖେଳାଳୀ ଚୟନ ପ୍ରକ୍ରିୟା (ଉଭୟ ପୁରୁଷ ଓ ମହିଳା) ଆସନ୍ତା ତା- ୨୩.୦୧.୨୦୨୫ (ଗୁରୁବାର), ସକାଳ ୯.୩୦ ମିନିଟ ସମୟରେ ସ୍ଥାନୀୟ ଓଡିଶା ରାଜ୍ୟ ସଚ୍ଚିବାଳୟ ରିକ୍ରେସନ କ୍ଲବ, ୟୁନିଟ- ୨ (ପୁରୁଣା ବିଧାନ ସୌଧ ପଛ ପାଖ), ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ କେବଳ ନିୟମିତ ସରକାରୀ ଚାକିରୀରେ ଥିନବା କର୍ମଚାରୀମାନେ ଭାଗ ନେଇପାରିବେ ।

ରୋଜା ଆଣ୍ଡର୍ଡ ୱାର୍ଲଡର ବାର୍ଷିକ ଉତ୍ସବ
ଡ.ରବିଚନ୍ଦ୍ର ପଶାୟତଙ୍କ ସମେତ ରେଡକ୍ରସ କର୍ମି ସମ୍ବର୍ଦ୍ଧିତ

ବଲାଙ୍ଗୀର.(ପି.ଏନ): ବଲାଙ୍ଗିର ତାଲପାଲିପଡା ରଘୁନାଥ ଧାମ ପ୍ରାଙ୍ଗଣରେ ମାନବୀୟ ଅନୁଷ୍ଠାନ ରୋଜା ଆଣ୍ଡର୍ଡ ୱାର୍ଲଡର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରୋଜାର ଫାଉନଣ୍ଡର ଧର୍ମ ସିଂ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ବରିଷ୍ଠ ସଦସ୍ୟ ହୃଦାନନ୍ଦ ଭୋଇ ଅଧକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବରେ ବଲାଙ୍ଗୀର ଜିଲ୍ଲା ଜରୁରୀକାଳିନ ଅଧିକାରୀ ସସ୍ମିତା ପ୍ରଧାନ ଓ ମୁଖ୍ୟବକ୍ତା ଭାବରେ ସୋନପୁର ମହାବିଦ୍ୟାଳୟର ପ୍ରାକ୍ତନ ପ୍ରିନ୍?ସିପାଲ୍ ପ୍ରଫେସର ତରୁଣ କୁମାର ମିଶ୍ର ମଂଚାସୀନ ରହି ଯୁବଗୋଷ୍ଠି ଜନସେବାକୁ ବ୍ରତୀ ହେବାକୁ ମତବ୍ୟକ୍ତ କରିଥିଲେ । ଆମେରିକାନ୍ ମେରିଟ କାଉନସିଲ ତରଫରୁ ୱାର୍ଲଡ ଚେରିଟେବଲ ଫାଉଣ୍ଡେସନ ସଂଯୋଜନାରେ ପଂଚାୟତ ଉଚ୍ଚ ବିଦ୍ୟାଳୟ , ମାୟାବର୍ହାର ପ୍ରଧାନଶିକ୍ଷକ ରବିଚନ୍ଦ୍ର ପଶାୟତଙ୍କୁ ଡକଟରେଟ ଡିଗ୍ରୀ ପ୍ରଦାନ କରାଯାଇଥିବାରୁ ଶ୍ରୀ ପଶାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ରେଡକ୍ରସ କାର୍ଯ୍ୟକ୍ରମରେ ସଫଳତା ନିମନ୍ତେ କଲାହାଣ୍ଡିର ନାରାୟଣ ପଧାନ, ସମ୍ବଲପୁରର ବିଶ୍ୱାମିତ୍ର ଦୀପ, ବୌଦ୍ଧର ବନମାଳୀ ମେହେର, ବରଗଡର ମହେନ୍ଦ୍ର ଆଚାର୍ଯ୍ୟ, ସୁବର୍ଣ୍ଣପୁରର ହୃଷୀକେଶ ଡାଙ୍ଗ, ବଲାଙ୍ଗୀରର ପ୍ରଭାକର ଛନ୍ଦ ଏବଂ ଅବସରପ୍ରାପ୍ତ ଜେଆରସିଓ ସୁବାଷ ଚନ୍ଦ୍ର ପଟେଲ ପ୍ରମୁଖଙ୍କୁ ରୋଜା ହ୍ୟୁମେନିଟେରିଆନ ସେବା ପଦକରେ ସମ୍ବର୍ଦ୍ଧିତ କରାଯାଇଛି । ରୋଜାର ସଦସ୍ୟ ବସନ୍ତ କୁମାର ହୋତା, ସାମ୍ବାଦିକ ଆକୁଲ ବେହେରା, ସୋସାଇଟିର ସଂଜୀବ କୁମାର ଜୈନ, ସୋମାନାଥ ମାଝୀ, ସତାବନ ସାହୁ, ମନୋଜ କୁମାର ଦାଶ, ହରେକୃଷ୍ଣ ପଣ୍ଡା, ଅଂଜନ କୁମାର ପଧାନ, ଅଂଜଳୀ ସାଏ, ସଙ୍ଗୀତା ପଶାୟତ, ବିଜୟ ନାଗଦେବ, ବିଶ୍ୱରଂଜନ ଜେନା, ରାଜୁ ଭାଇ, ସୁରାଜ ଖମାରୀ, ଦେବାଶିଷ ବାଡିକ ପ୍ରମୁଖ କାର୍ଯ୍ୟକ୍ରମରେ ସାହାଯ୍ୟ କରିଥିଲେ । ଏହି ଅବସରରେ କବିତା ପାଠ ଉତ୍ସବରେ କବୟିତ୍ରୀ କବିତା ମିଶ୍ରଙ୍କ ସଂଯୋଜନାରେ ସରସ୍ୱତୀ ମିଶ୍ର, କସ୍ତୁରୀ ରଥ, ଶାଳିନୀ ସା, ବୀଣାପାଣି ଭୋଇ, ଧର୍ମେନ୍ଦ୍ର ପଧାନ , ପୁରୁଷୋତମ ମିଶ୍ର, ସତ୍ୟନାରାୟଣ ପଧାନ ତଥା ଅନ୍ୟମାନେ କବିତା ପାଠ କରିଥିଲେ । କାର୍ଯ୍ୟକ୍ରମକୁ ରେଡକ୍ରସକର୍ମି ରାମ ନାରାୟଣ ଦାଶ ଓ କବି ଦିଲ୍ଲୀପ ମିଶ୍ର ପରିଚାଳନା କରିଥିବା ବେଳେ ରେଡକ୍ରସ କର୍ମି ପୃଥ୍ୱୀରାଜ ପଶାୟତ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଟୋ ଡ୍ରାଇଭରଙ୍କ ମୃତ୍ୟୁ କାରଣ ଅସ୍ପଷ୍ଟ

ଖୋର୍ଦ୍ଧା,(ପି.ଏନ): ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ଦୁର୍ଗାପୁର ଗ୍ରାମ ପଞ୍ଚାୟତର ଗଡଗୁଡମ୍ ଗ୍ରାମର ଅକ୍ରୁର ସେଠାଙ୍କର ବେଗୁନିଆ ବ୍ଲକ ଅନ୍ତର୍ଗତ କୋକସିଂ ଗ୍ରାମ ଖେଳ ପଡିଆ ଠାରେ ସକାଳ ପ୍ରା

ক্রয়বিক্রয়, ২০২৪, পাতা ৭ম

ব ক্রয়ে ব ক্রয়ে ব ক্রয় । পাকড়া
চাহিদা মোতাবেক ২য় শ্রেণীর
ব্যবহৃত ট্রাক্টর ক্রয় করা হইবে ।
যোগাযোগ করুন : ০১৭১৫-৫৫৭৫৮৪

বাঙ্গি চাষের আদ্যোপান্ত

৭ম পাতা লেখার অবশিষ্ট অংশ

বীজ বপনের ১৫ দিন পর জমিতে ইউরিয়া সার ছিটিয়ে দিতে হবে। ফুল আসার সময় ও ফল ধরার সময় জমিতে রস থাকা প্রয়োজন। ফল ধরার পর জমিতে রস না থাকলে ফল ফাটিয়া যায়। ফল ধরার পর ১০ দিন পর পর ১ বার সেচ দিতে হবে

ছাত্রছাত্রীদের কলম থেকে

ভাগ্যের ফেরে

প্রিয়াঙ্কা সরদার

ঝরে পড়া ছাত্র ছাত্রী হয়ে
ভাগ্যের ফেরে
ভাগ্যের দোষ দিয়ে
কাটাচ্ছে দিন।
ভাগ্যের দোষ দিয়ে
কাটাচ্ছে দিন।
ভাগ্যের দোষ দিয়ে
কাটাচ্ছে দিন।

ভাগ্যের ফেরে

সুমন্ত মন্ডল

ভাগ্যের ফেরে
ভাগ্যের ফেরে
ভাগ্যের ফেরে
ভাগ্যের ফেরে
ভাগ্যের ফেরে
ভাগ্যের ফেরে

ନିର୍ମାଣାଧିନ ଗରାପୁର-ଗଣ୍ଡାକିଆ ରାସ୍ତା ନିମ୍ନମାନର ଅଭିଯୋଗ

କାର୍ଯ୍ୟାଦେଶ ବାତିଲ ଓ ନୂତନ ଠିକାଦାର ନିଯୁକ୍ତି ଦାବି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ଅଧିନସ୍ଥ ନିର୍ମାଣାଧିନ ଗରାପୁର- ଗଣ୍ଡାକିଆ ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ଧାର୍ଯ୍ୟ ଗୁଣବତ୍ତା ସାମଗ୍ରୀ ବ୍ୟବହାର ହେଉନଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାଇ ଗରାପୁରସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ଭି.ଆଇ.ପି. ରୋଡ ଠାରୁ କାଳି ମନ୍ଦିର, ସାନ୍ତସାହି ଦେଇ କେନାଲ ରୋଡରେ ଗଣ୍ଡାକିଆ ଯାଇଥିବା ୧୨ କିଲୋମିଟର ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହି ରାସ୍ତା ଦେଇ ଜିଲ୍ଲାର ଅର୍ଦ୍ଧାଧିକ ଲୋକ, ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଡାକ୍ତରଖାନା, କେନ୍ଦ୍ରାପଡା ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଅଦାଲତ ପ୍ରଭୃତିକୁ ଯାତାୟତ କରିଥାନ୍ତି। ଏଥିସହିତ କଟକ ଏବଂ ଭୁବନେଶ୍ୱରରୁ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡା ବ୍ଲକ ସମେତ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତର ଅଧିବାସୀମାନେ ବସ, ବାଇକ, କାର ପ୍ରଭୃତିରେ ଯାତାୟତ କରିଥାନ୍ତି। ଏହାବ୍ୟତିତ ଏହି ରାସ୍ତା ଦେଇ ଦୈନିକ ଶହ ଶହ ମାଲ ବୋଝେଇ ଟ୍ରକ ଯାତାୟତ କରିଥାଏ। କିନ୍ତୁ ଅପ୍ରଶସ୍ତ ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ଦୀର୍ଘବର୍ଷ ହେବ ସେହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି। କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ- ୧ ପକ୍ଷରୁ ସେହି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ୯୭୮. ୮୦ଲକ୍ଷ ଟଙ୍କାର ବ୍ୟୟ ଅଙ୍କଳରେ ମୋଟ ୧୨କିଲୋମିଟର ୪୦୫ମିଟର ରାସ୍ତା ନିର୍ମାଣ ନିମନ୍ତେ ଏବେ ଠିକାଦାରଙ୍କୁ କାର୍ଯ୍ୟନିର୍ବାହ ନିମନ୍ତେ ନିର୍ଦେଶ ଦିଆଯାଇଛି। କିନ୍ତୁ ସଂପୃକ୍ତ ଠିକାଦାର ବିଭାଗର ଅଙ୍କଳ ଅନୁଯାଇ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ୧ମିଟର ଲେଖାଁଏ ସିମେଣ୍ଟ ବଜୁରୀ(୮ଇଞ୍ଚର) ଲଗାଯିବାକୁ ଥିବା ବେଳେ ତାହା କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ଜିଏସବି ୬ଇଞ୍ଚ ଲାଗିନଥିବା, ଡବ୍ଲୁ.ଏମ.ଏମ. ୪ଇଞ୍ଚ କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ୧୧ହଜାର ୬୯୯ ଟ୍ରିପ ମାଟି ବ୍ୟବହାର କରାଯିବାକୁ ଥିବା ବେଳେ ମୁଠାଏ ବି ମାଟି ବ୍ୟବହାର କରାନଯାଇ ଦୁଇ ପାର୍ଶ୍ୱକୁ କାଟି ଅତି ଦୁର୍ବଳ ଓ ବିପଦ ସଙ୍କୁଳ କରାଯାଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତାର ନିର୍ମାଣ କାର୍ଯ୍ୟରେ ପାଣି ବ୍ୟବହାର କରାଯାଉନଥିବା ବେଳେ କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁନଥିବା ଅଭିଯୋଗ ହୋଇଛି। ଏତଦବ୍ୟତିତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଲୋକ ଆପତ୍ତି ଏବଂ ଅଭିଯୋଗ କରିବାରେ କେନ୍ଦ୍ରାପଡା ବ୍ଲକରେ ଥିବା କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର ସେମାନଙ୍କୁ ଧମକ ଚମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି। ଏହି କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରାଯିବା ସହ ସଂପୃକ୍ତ ଠିକାଦାରଙ୍କ କାର୍ଯ୍ୟାଦ୍ଦେଶ ବାତିଲ କରାଯାଇ ନୂତନ ଠିକାଦାରଙ୍କୁ ନିଯୋଜିତ କରାଯିବାକୁ ୫ଟି ପଞ୍ଚାୟତର ଅଧିବାସୀଙ୍କ ପକ୍ଷରୁ ଫକିର ଚରଣ ଖଟୁଆ, ସନ୍ତୋଷ କୁମାର ବେହେରା, ଉତ୍ତମ ସ୍ୱାଇଁ, ଅଞ୍ଜନ କୁମାର ମହାପାତ୍ର, ନିରଞ୍ଜନ ପରିଡା,ରଶ୍ମିରଞ୍ଜନ ଚୌଧୁରୀ, ଦିପ୍ତିରଞ୍ଜନ ମହାନ୍ତି, ପ୍ରକାଶ ଚନ୍ଦ୍ର ଲେଙ୍କା, ମହେନ୍ଦ୍ର ପରଡା, ସୁନାକର ରାଉତ, ଉମାକାନ୍ତ ପରିଡା, ଲଲାଟେନ୍ଦୁ ଖଟୁଆ, ସୁଶାନ୍ତ କୁମାର ଦାସ, ବିଜୟ ପ୍ରଧାନ, ପ୍ରଭାକର ଲେଙ୍କା, ମୁରଲୀଧର ରାଉତ ପ୍ରମୁଖ ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।

ପଥର ଖାଦାନ ରେ ବୁଡି ଶିଶୁର ମୃତ୍ୟୁ

ଭୁବନେଶ୍ୱର, (ପି.ଏନ): ବାଲେଶ୍ୱର ଜିଲ୍ଲାରେ ଏକ ପରିତ୍ୟକ୍ତ ପଥର ଖାଦାନ ରେ ବୁଡି ଶିଶୁ ମୃତ୍ୟୁ ଘଟିଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ପ୍ରବଳ ଉତେଜନା ପ୍ରକାଶ ପାଇଛି ।

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ଧୋବଶିଳା ପଂଚାୟତ ଚଲଣାପାଳ ଗାଁରେ ଏହି ଅଘଟଣ ଘଟିଛି । ଗାଁ ନିକଟରେ ସ୍ୱର୍ଣ୍ଣଚୂଡ଼ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ପରିତ୍ୟକ୍ତ ପଥର ଖାଦାନରେ ଜମିଥିବା ପାଣିରେ ବୁଡି ଅଢେଇ ବର୍ଷର ଶିଶୁ ମୃତ ବରଣ କରିଛି। ମୃତକ ହେଲେ ତପନ ସିଂର ଅଢେଇ ବର୍ଷର ଅମିତ। ଗାଁ ରାସ୍ତାଟି ଖାଦାନକୁ ଲାଗିଥିବା ବେଳେ ଶିଶୁଟି ଖେଳୁଥିବା ବେଳେ ଅସାବଧାନତା କାରଣରୁ ଖାଦାନରେ ଖସି ପଡ଼ିଥିଲା।ଫଳରେ ତାଙ୍କୁ ଖୋଜାଖୋଜି କରିବା ପରେ ଖାଦାନରୁ ଉଦ୍ଧାର କରାଯିବା ବେଳକୁ ତାର ପ୍ରାଣବାୟୁ ଉଡି ଯାଇଥିଲା।ଶିଶୁଟିର ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ତେବେ ଖାଦାନ କରିବା ପରେ ଖାଲ ପୋତିବା ନିୟମ ଥିବାରୁ ଖାଦାନ ଲିଜଧାରୀ ଖାଦାନ ପରେ ଛାଡ଼ିଦେଇ ଯାଇଥିବାରୁ ବର୍ଷା ପାଣି ଜମି ଏବେ ମରଣ ଯନ୍ତା ପାଲଟିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ପୂର୍ବରୁ ମଧ୍ୟ ଏହି ଖାଦାନରେ ଜୀବନ ଯାଇଥିବା ସୂଚନା ମିଳିଛି। ତୁରନ୍ତ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଖାଦାନ ପୋତିବାର ବ୍ୟବସ୍ଥା କରିବାକୁ ଦାବୀ ହୋଇଛି।

ବିଶ୍ୱହିନ୍ଦୁ ପରିଷଦ, ବିଜେପି ଓ ବିଜେଡ଼ିର ଜାତିବାଦ ରାଜନୀତି ଦେଶ ଗଠନରେ ବାଧକ ସୃଷ୍ଟି କରୁଛି

ଭୁବନେଶ୍ୱର (ପିଏନ୍)-ଗତ ତାରିଖ ସୋମବାର ଦିନ ଓଡ଼ିଶା ପ୍ରଦେଶ କଂଗ୍ରେସର ୧୦୦ବର୍ଷ ପୂର୍ତି ଅସବରରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟିର ତରଫରୁ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ କଂଗ୍ରେସ ଦଳର ଜାତୀୟନେତା ଯଥା ଡଃ. କହ୍ନେୟା କୁମାର, ଗୁଜୁରାଟର ମାନ୍ୟବର ବିଧାୟକ ତଥା ଦଳିତ ନେତା ଶ୍ରୀ ଜିଗ୍ନେଶ ମେଓ୍ୱାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିହାର ପ୍ରଦେଶ କଂଗ୍ରେସର ପ୍ରଭାରୀ ଶ୍ରୀ ଭକ୍ତଚରଣ ଦାସ ଓ ଛତିଶଗଡ଼ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ଲକ୍ଷ୍ମୀ କାଓ୍ୱାସୀ ପ୍ରମୁଖ ଯୋଗଦାନ ଦେଇ ଜନସାଧାରଣ ଓ ଯୁବକମାନଙ୍କୁ ଏକତ୍ର ହୋଇ ନିଜକୁ ରାଷ୍ଟ୍ରୀୟ ଏକତ୍ରିକରଣ ସ୍ରୋତରେ ସାମିଲ ହେବା ପାଇଁ ବକ୍ତବ୍ୟ ପ୍ରଦାନ ସହ ହଜାର ହଜାର ସଂଖ୍ୟାରେ ଦଳିତ ଆଦିବାସୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସମାବେଶର ସଫଳତାରେ ଈର୍ଷାପରାୟଣ ହୋଇ କିଛି ତଥାକଥିତ ଅସାମାଜିକ ଯୁବକ ଯଥା ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଦଳିତ ନେତା ଜିଗ୍ନେଶ ମେଓ୍ୱାନୀ, ଶ୍ରୀ କହ୍ନେୟା କୁମାର, ଶ୍ରୀ ଲକ୍ଷ୍ମୀ କାଓ୍ୱାସୀ ଓ ଭକ୍ତଚରଣ ଦାସଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେବା ସହ ଜାତିଆଣ ମନୋଭାବ ରଖି ସଭାସ୍ଥଳକୁ ପବିତ୍ର ଗଙ୍ଗାଜଳ ସିଂଚନ କରୁଥିବା ଭିଡ଼ିଓ ଭାଇରାଲ କରିଛନ୍ତି । ଯାହା ସଂପୂର୍ଣ୍ଣ ଭାବରେ ଦଳିତ ଆଦିବାସୀ ସମାଜର ସମ୍ମାନ ହାନି ହେବା ସହ ତାଙ୍କୁ ଶକ୍ତ ଆଘାତ ଦେଇଛି । ଯାହାଫଳରେ ସେମାନେ ମାନସିକ ଚାପରେ ରହିଛନ୍ତି । ନବରଙ୍ଗପୁର ଜିଲ୍ଲାରେ ଥିବା ଦଳିତ ଆଦିବାସୀମାନଙ୍କ ଭିତରେ ଏହା ତିବ୍ର ଉତେଜନା ସୃଷ୍ଟି କରିଛି । ନବରଙ୍ଗପୁର ଜିଲ୍ଲା ଏକ ଦଳିତ ଆଦିବାସୀ ବହୁଳ ଜିଲ୍ଲା । ଏହି ଜିଲ୍ଲାରେ ପ୍ରାୟ ୧୨% ପ୍ରତିଶତରୁ ଉର୍ଦ୍ଧ୍ୱ ଦଳିତ ଆଦିବାସୀ ବସବାସ କରି । ସ୍ୱର୍ଗତଃ ଜଗନ୍ନାଥ ତ୍ରିପାଠୀଙ୍କ ପୂର୍ବରୁ ଏହିଠାରେ ମିରୁ ହରିଜନ ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ । ପୋଟାକୋଟା ଗ୍ରାମର ଅର୍ଜୁନ ହରିଜନ କୁଇଟ୍ ଇଣ୍ଡିଆ ମୁଭମେଂଟ୍‌ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଗିରଫ ହୋଇ ୧୯୪୨ ମସିହାରେ ବ୍ରହ୍ମପୁର ସ୍ଥିତ ଜେଲରେ ନଖାଇ ନପିଇ ମୃତ୍ୟୁବରଣ କରି ଦେଶ ପାଇଁ ବଳିଦାନ ଦେଇଥିଲେ । ନବରଙ୍ଗପୁର ଜିଲ୍ଲାର ମାଟିର ସଂ।ନ ମାନେ ଦେଶ ସ୍ୱାଧୀନତାରେ ନିଜକୁ ସମର୍ପଣ କରି ସହୀଦ ଲକ୍ଷ୍ମଣ ନାଏକଙ୍କ ସମେତ ଅନେକ ଦଳିତ ଆଦିବାସୀ ନେତା ଦେଶସ୍ୱାଧୀନତାରେ ନିଜକୁ ବଳିଦାନ ଦେଇଛନ୍ତି । ତେଣୁ ଏହି ପବିତ୍ର ମାଟିରେ ବସବାସ କରୁଥିବା ଜନସାଧାରଣ ତଥା ସମଗ୍ର ରାଜ୍ୟର ଦଳିତ ଆଦିବାସୀମାନଙ୍କର ସମ୍ମାନକୁ କ୍ଷୁର୍ଣ୍ଣ କରିବାର ଭଳି ଯେଉଁ ଘୃଣ୍ୟ କାର୍ଯ୍ୟ ଦୋଷୀମାନେ କରିଛନ୍ତି ତାହା ନିନ୍ଦନୀୟ ଓ ଜଘନ୍ୟ ଅପରାଧ । ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁ ଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଗଙ୍ଗାଜଳ ସିଂଚନ କରି ନିର୍ଦ୍ଦିଷ୍ଟ ଜାତିର ଭାବଧାରାକୁ ଆକ୍ଷେପ କରି ମନ୍ତବ୍ୟ ଦେବା ଜଘନ୍ୟ ଅପରାଧ । ଏ ସଂପର୍କରେ ତା.୨୯.୧୨.୨୦୨୧ରିଖରେ ନବରଙ୍ଗପୁର ଜିଲ୍ଲା ଆଇ.ଆଇ.ସି.ଙ୍କ ନିକଟରେ ଏକ ଏଫ୍.ଆଇ.ଆର. ଦରଜ କରାଯାଇଅଛି । ପ୍ରକାଶ ଥାଉକି, ଉକ୍ତ ତିନିଜଣ ବ୍ୟକ୍ତି ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ସମର୍ଥକ ଅଟନ୍ତି । ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ଇଙ୍ଗିତରେ ସେମାନେ ଏହି ଘୃଣ୍ୟ କାମ କରିଛନ୍ତି ଯାହା ଦେଶରେ ଜାତି ଓ ଧର୍ମ ନାମରେ ଦେଶକୁ ଭାଗ ଭାଗ କରିବା ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯିବ । ଭାରତୀୟ ସମ୍ୱାଧାନ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଅଛି । ଏକ ସ୍ୱର୍ଣକାତରତା ଘଟଣା ବିଷୟରେ ଏ ପର୍ଯ୍ୟ‘ ସେଠାକାର ଏସ୍.ପି. ଓ ଜିଲ୍ଲା ପ୍ରଶାସନ କାହିଁକି ନିଜଆଡୁ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏଫ୍.ଆଇ.ଆର. ଦାୟର କରିନାହିଁ । ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ପ୍ରଶାସନ ଏକ ସ୍ଥାଣୁ ପାଲଟି ଯାଇଛି ପରୋକ୍ଷରେ ସରକାର ଅପରାଧୀମାନଙ୍କୁ ଘଂଟଘୋଡାଇବାରେ ସାହାର୍ଯ୍ୟ କରୁଛି । ଏ ପର୍ଯ୍ୟ‘ କଳାହାଣ୍ଡି ଜିଲ୍ଲାର ମମିତା ମେହେର ହତ୍ୟାଘଟଣାରେ ନ୍ୟାୟ ଦେଇ ପାରୁନାହିଁ । ସେହି ଜିଲ୍ଲାରେ ଜାତିବାଦ ରାଜନୀତି ଏକ ସ୍ୱର୍ଣକାତରତା ଘଟଣା ଏବଂ ଅସାମ୍ୱିଧାନିକ ହୋଇଥିଲେ ମଧ୍ୟ ସରକାର ସେଥିପ୍ରତି ଧ୍ୟାନ ଦେଉନାହିଁ । ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆ ବସବାସ କରୁଥିବାବେଳେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ସମସ୍ତେ ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ କୌଣସି ପକ୍ଷପାତ ନଥିବାବେଳେ ନବୀନ ପଟ୍ଟନାୟକ ସରକାର ଉକ୍ତ ଘଟଣାକୁ ଅଣଦେଖା କରିବା ନିନ୍ଦନୀୟ ଅଟେ । ପରୋକ୍ଷରେ ନବୀନ ପଟ୍ଟନାୟକ ସରକାର ସମ୍ୱିଧାନ ବିରୋଧି କାର୍ଯ୍ୟ କରିଥିବା ମନେ ହୁଏ । ଏଥି ପାଇଁ ସାଧାରଣରେ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କ୍ଷମା ମାଗୁ, ଏଣୁ ସାମ୍ୱିଧାନିକ ନିୟମକୁ ଭଙ୍ଗ କରି ଅସମ୍ମାନ କରି ମନୁବାଦକୁ ଆପଣାଇଥିବା ଦଳ ବିଜେପି ଓ ବିଜେଡ଼ି ସମଦାୟୀ। ଏଣୁ ତୁରନ୍ତ ଦଳିତ ନିର୍ଯ୍ୟାତନା ଆଇନ ଅନୁସାରେ ଦୋଷିଙ୍କୁ ଗିରଫ କରିବା ପାଇଁ ଏବଂ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ୱିଧାନକୁ ସମ୍ମାନ ଦେବା ପାଇଁ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବି କରାଯାଉଛି । ଯଦି ଦୋଷୀମାନଙ୍କ ପ୍ରତି ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ କଂଗ୍ରେସ ଅନୁସୂଚିତ ଜାତିବିଭାଗ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ । ଏହି ସାମ୍ୟାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରା ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ସଂନ୍ତୋଷି ସିଂ ସାଲୁଜା, ପିସିସି ମୁଖପାତ୍ର ଅମିୟ ପାଣ୍ଡବ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଓ ଖୋର୍ଦ୍ଧା ଜିଲ୍ଲା ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଜୟନ୍ତ ଭୋଇ ଉପସ୍ଥିତ ଥିଲେ।

ଭୁବନ ହାଇସ୍କୁଲ ପ୍ଲାଟିନମ୍ ଜୁବଲି ମହୋତ୍ସବ

ଭୁବନ, (ପି.ଏନ): ଢେଙ୍କାନାଳ ଜିଲ୍ଲାର ପୁରାତନ ବିଦ୍ୟାଳୟ ଭୁବନ ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ ଜୁବୁଲି (ହୀରକ ଜୟନ୍ତୀ) ପାଳନ ନିମନ୍ତେ ଚୁଡାନ୍ତ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର କୃଷ୍ଣ ଚନ୍ଦ୍ର ଆଇଚଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ଶିକ୍ଷକ ଗଣେଶ୍ୱର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଶତାଧିକ ପୁରାତନ ଛାତ୍ର ଉପସ୍ଥିତ ରହି ନିଜ ନିଜର ପ୍ରସ୍ତାବ ଏବଂ ମତ ରଖିଥିଲେ। ପ୍ଲାଟିନମ୍ ଜୁବଲି ମହୋତ୍ସବ ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା । ପଞ୍ଜାବ ନେସନାଲ ବ୍ୟାଙ୍କ (ପି ଏନ୍ ବି) ନୂଆଦିଲ୍ଲୀର ଅବସରପ୍ରାପ୍ତ (ସିଜିଏମ) ପୁରାତନ ଛାତ୍ର ଧନେଶ୍ୱର ସାହୁ ଙ୍କୁ ସର୍ବ ସମ୍ମତ କ୍ରମେ ସଭାପତି ଭାବେ ଚୟନ କରାଯାଇଥିଲା। ନିଶାକର ସାହୁ ସମ୍ପାଦକ, ଦୁର୍ଯ୍ୟୋଧନ ସାହୁ ଉପସଭାପତି, ଅବସରପ୍ରାପ୍ତ ଜିଏମ,ଏସ ବିଆଇ ଗଦାଧର ଦାସ କୋଷାଧକ୍ଷ ଏବଂ କୃଷ୍ଣ ଚନ୍ଦ୍ର ଆଇଚଙ୍କୁ ଆବାହକ ଭାବେ ଚୟନ କରାଯାଇଥିଲା। ମହୋତ୍ସବ ଦୁଇ ଦିନ ଧରି ହେବ। ଚଳିତ ବର୍ଷ ଡିସେମ୍ବର ୯ ଏବଂ ୧୦ ତାରିଖ ରେ ମହୋତ୍ସବ ପାଳନ କରାଯିବାକୁ ସର୍ବ ସମ୍ମତ କ୍ରମେ ନିଷ୍ପତି ହୋଇଥିଲା । ଚୂଡାନ୍ତ ପ୍ରସ୍ତୁତି ବୈଠକରେ ପୁରାତନ ଛାତ୍ର ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଧନେଶ୍ୱର ସାହୁ, ନବକିଶୋର ଗୁରୁ, କୈଳାଶ ଗୁରୁ, ବେଣୁଧର ପୃଷ୍ଟି, ଦିଲ୍ଲୀପ କୁମାର ଦାସ, ନରହରି ସାହୁ, ବ୍ରହ୍ମାନନ୍ଦ ସାହୁ, ସୁବ୍ରତ କୁମାର ସାହୁ, ପ୍ରଭାସ ସେନାପତି, ବିନୋଦ ମହାରଣା, ଦୀପକ ବେହେରା, ଅମ୍ବୁଜ ସାହୁ,ନିରଞ୍ଜନ ଗୁରୁ, ରାମ ଚନ୍ଦ୍ର ରାଉତ, ସନାତନ ଗୁରୁ, ଗଣେଶ୍ୱର ଦାସ, ହୃଷୀକେଶ ସାହୁ, ଅଜୟ କୁମାର ପଣ୍ଡା, ସୁବାସ ଚନ୍ଦ୍ର ମେହେଣା, ପ୍ରେମାନନ୍ଦ ପାଣିଗ୍ରାହୀ, ଡଃ. ସୁବାଷ ନାୟକ, ଭଗ୍ୱାନ ଗୁରୁ, ଦିଲ୍ଲୀପ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ‘ ସ୍ମରଣିକା ‘ ପାଇଁ ପୁରାତନ ଛାତ୍ର ମାନେ ନଭେମ୍ବର ମାସ ୫ ତାରିଖ ସୁଦ୍ଧା ସେମାନଙ୍କ ଲେଖା ଅଧ୍ୟାପକ କୈଳାସ ଚନ୍ଦ୍ର ଗୁରୁଙ୍କୁ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମ ର ସଫଳତା ପାଇଁ ପୁରାତନ ଛାତ୍ର ମାନେ ଉଭୟ ଅନଲାଇନ୍ ଓ ଅଫଲାଇନ୍ ରେ ୧ ହଜାର ଟଙ୍କା ପ୍ରଦାନ କରି ନାମ ପଞ୍ଜିକରଣ କରିବାକୁ ନିବେଦନ କରାଯାଇଥିଲା । ଏହା ବ୍ୟତୀତ ପୁରାତନ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଜ ସାମର୍ଥ୍ୟ ଅନୁଯାୟୀ ଆର୍ଥିକ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଥିଲା ।

ଦଶ ଦିନରେ ବି ମିଳୁନି ଧାନ ବିକ୍ରୀ ଅର୍ଥ

କୋମନା,(ପି.ଏନ): ସରକାର ଙ୍କ ନିର୍ଦ୍ଦେଶକୁ ଫୁ। ମଣ୍ଡି ରେ ଧାନ ବିକ୍ରୀ ର ୨୪ ଘଣ୍ଟା ରେ ଧାନ ବିକ୍ରୀ ର ମୂଲ୍ୟ ଚାଷୀ ଙ୍କ ବ୍ୟାଙ୍କ ଖାତା ରେ ଯେଭଳି ଜମା ହେବ ସେଥିପାଇଁ ପ୍ରଶାସନ କୁ ସରକାର ଙ୍କ କଡା ନିର୍ଦ୍ଦେଶ ରହିଛି। ତେବେ ମିଲର ଙ୍କ ମନମାନି ଓ ଅଧିକାରୀ ମାନଙ୍କ ଉଦାସୀନତା ଏଥିରେ ପ୍ରତିବନ୍ଧକ ସାଜିଛି.। ଅଧିକାରୀ ମାନଙ୍କ ଆନ୍ତରିକତା ର ଅଭାବ ଯୋଗୁଁ ଚାଷୀ ନିଜ ପ୍ରାପ୍ୟ ନ ପାଇ ହୀନସ୍ତା ହେବାକୁ ପଡିଛି.। ଏଭଳି ଅବହେଳା କରୁଥିବା ମିଲର ଅଥବା ସମ୍ପୃକ୍ତ ଅଧିକାରୀ ଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଅଭାବରୁ ଏଭଳି ଘଟଣା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି। ମଣ୍ଡିରୁ ଧାନ ଉଠିବା ପରେ ଚାଷୀ ପ୍ରାପ୍ୟ ପାଇଲେକିନାହିଁ ବୁଝିବାକୁ ଅଧିକାରୀ କିମ୍ବା କର୍ମଚାରୀ ଙ୍କ ପାଖେ ସତେକି ସମୟ ର ଅଭାବ। ମିଲର ମର୍ଜି ରେ ଚାଷୀଙ୍କ ପ୍ରାପ୍ୟ। ଏଭଳି ଘଟଣା ଘଟିଛି କୋମନା ସଦର ବ୍ଲକ ମଣ୍ଡିରେ।ଚାଷୀ ସଂଖ୍ୟା ଏଫ ୨୫୦୩୦୦୦ ୩୪୩୨ବିଶିଷ୍ଟ ଚାଷୀ ଜଣକ ଗତ ଚାରି ତାରିଖ ଦିନ ୧୦୧ କ୍ୱିଣ୍ଟାଲ ଧାନ ବିକ୍ରୀ କରିଥିଲେ କୋମନା ମଣ୍ଡି ମାଧ୍ୟମରେ। ଅର୍ଥର ଆବଶ୍ୟକ ହେବାରୁ ଆଜି ଟଙ୍କା ଉଠାଣ ପାଇଁ ସମ୍ପୃକ୍ତ ବ୍ୟାଙ୍କ ଯାଇ ଦେଖିବାବେଳକୁ ଏକାଉଣ୍ଟ ରେ ଧାନ ବିକ୍ରୀ ଟଙ୍କା ପଡି ନ ଥିବା ଜାଣିବାକୁ ପାଇ ନିରାଶ

ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି। ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ । ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ। ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

ଖୋର୍ଦ୍ଧା ପୌରପାଳିକା କାର୍ଯ୍ୟାଳୟ ଠିକା କର୍ମଚାରୀ ମାଲେମାଲ୍

ଖୋର୍ଦ୍ଧା,(ପି.ଏନ): ବର୍ତମାନ ଖୋର୍ଦ୍ଧା ପୌରପାଳିକା କାର୍ଯ୍ୟାଳୟରେ ସହରବାସୀଙ୍କଠୁ ହୋଲ୍ଡିଂଟ୍ୟାକ୍ସ ଆଦାୟ କରିବା ପାଇଁ ୯(ନଅ) ଜଣ ଟ୍ୟାକ୍ସ କଲେକ୍ଟର କାର୍ଯ୍ୟ କରୁଛନ୍ତି । ସେମାନଙ୍କ କାର୍ଯ୍ୟକୁ ତଦାରଖ କରିବା ପାଇଁ ଜଣେ ବରିଷ୍ଠ ସହାୟକ ଙ୍କୁ ଦାୟୀତ୍ୱ ଦିଆଯାଇଥିଲା । କିନ୍ତୁ ଏପରି କଣ ହେଲା ଯେ ରାତା ରାତି ତାଙ୍କୁ ପରିବର୍ତ୍ତନ କରି ଜଣେ ଦିନ ମଜୁରିଆ(ଡିଏଲ୍ ଆର) ଭାବେ କାର୍ଯ୍ୟ କରୁଥିବା ଲାଲ ମୋହନ ସ୍ୱାଇଁଙ୍କ ହାତକୁ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ ଦିଆଯାଇଛି । ଯଦି ସରକାରୀ ଗାଇଡ୍ ଲାଇନ୍ କୁ ଦେଖାଯାଏ ତେବେ ପୌରପାଳିକା ନିୟମ ୧୯୫୩ ଅନୁସାରେ କୌଣସି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଠିକା କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇ ପାରିବନାହିଁ । ଏହି ପଦବୀରେ କେବଳ ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ଥାୟୀ କର୍ମଚାରୀ ହିଁ ରହିପାରିବେ। ମାତ୍ର ବିଡମ୍ବନାର ବିଷୟ ପୌରାଧିକାରିଣୀ ସ୍ଥାୟୀ କର୍ମଚାରୀଙ୍କ ଉପରୁ ଭରସା ଟୁଟାଇ ଅସ୍ଥାୟୀ କର୍ମଚାରୀଙ୍କ ଉପରେ ଏତେ ପ୍ରଗାଢ ବିଶ୍ୱାସ କିପରି ପ୍ରକଟ କରିଛନ୍ତି, ଯାହା ସନ୍ଦେହ ଘେରରେ ! ଜଣେ ଦିନ ମଜୁରିଆର ଦୈନିକ ମଜୁରି ସର୍ବାଧିକ ୫ ଶହ ରୁ ୬ ଶହ ଟଙ୍କା। କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ଜଣେ ଡିଏଲଆର କର୍ମଚାରୀଙ୍କ ହାତରେ ଚଳିତ ଆର୍ଥିକ ବର୍ଷରେ ଖୋର୍ଦ୍ଧା ସହରରୁ ୧କୋଟି ୫୦ ଲକ୍ଷ ୩୩ ହଜାର ୪୧୮ ଟଙ୍କାର ହୋଲ୍ଡିଂ ଟିକସ ,ଲାଇଟ ଟିକସ ଓ ଡ୍ରେନେଜ ଟିକସ ଆଦାୟ କରିବାର ଦାୟିତ୍ୱ ନ୍ୟସ୍ତ କରାଯାଇଛି ! ଏ ସଂକ୍ରାନ୍ତରେ ପୌରାଧିକାରିଣୀଙ୍କୁ ପଚାରିବାରେ ସେ କୁହନ୍ତି ସ୍ଥାୟୀ କର୍ମଚାରୀଙ୍କ ଅପେକ୍ଷା ମୋର ଅସ୍ଥାୟୀ କର୍ମଚାରୀଙ୍କ ଉପରେ ପ୍ରଗାଢ ବିଶ୍ୱାସ ଅଛି । କିନ୍ତୁ ଜଣେ ପୌରାଧିକାରିଣୀ ଭାବେ ସେ ନିଜର ପଦର ଗରିମାକୁ ତଥା ସରକାରୀ ନିୟମକୁ ଅଣଦେଖା କରିବାର ନୈତିକ ଅଧିକାର ତାଙ୍କ ପାଖରେ ନାହିଁ। ଆଜି ଯଦି କୌଣସି ଅଘଟଣ ଘଟେ ତେବେ ତାର ଉତରଦାୟିତ୍ୱ କ'ଣ ପୌରାଧିକାରିଣୀ ରହିବେ ? ତାଙ୍କ କହିବାନୁସାରେ ସ୍ଥାୟୀ କର୍ମଚାରୀ ଟିକସ ହେର ଫେର ନକରିବେ ବୋଲି ପ୍ରମାଣ କ'ଣ ? କିନ୍ତୁ ସ୍ଥାୟୀ କର୍ମଚାରୀ ଯଦି ହେର ଫେର କରନ୍ତି ତେବେ ସରକାରୀ ନିୟମାନୁଯାୟୀ ତାଙ୍କର ଦରମା ତଥା ପେନସନରୁ ଆଦାୟ କରାଯାଇ ପାରିବ ମାତ୍ର ଅସ୍ଥାୟୀ କର୍ମଚାରୀଙ୍କଠୁ କିପରି ଆଦାୟ କରାହେବ ? ଅନୁରୂପ ଭାବେ ଜଣେ ଅସ୍ଥାୟୀ କର୍ମଚାରୀ ବିନୟ ରାମଙ୍କୁ ଲାଇସେନ୍ସ ଫିସ ଆଦାୟ ଦାୟୀତ୍ୱ ନ୍ୟସ୍ତ କରାଯାଇଛି ଯାହା ବାର୍ଷିକ ଦେଢ କୋଟିରୁ ଉର୍ଦ୍ଧ୍ୱ ଅର୍ଥ ଆଦାୟ ହୋଇଥାଏ। ଓଡିଶା ମ୍ୟୁନିସପାଲ ଧାରା ୪୨୭ ଅନୁଯାୟୀ ଜଣେ ହାୟର ଗ୍ରେଡ କ୍ଲର୍କ ଙ୍କୁ ଏହି ଗୁରୁଦାୟିତ୍ୱ ଦେବାର ନିୟମ ଅଛି। ମାତ୍ର ଏହାକୁ ଅଣଦେଖା କରି କିପରି ଏତେବଡ ଦାୟୀତ୍ୱ ରାମଙ୍କୁ ଦିଆଯାଇଛି ବୋଲି କର୍ମଚାରୀ ମହଲରେ ମଧ୍ୟ ଗୁଞ୍ଜରଣ ସୃଷ୍ଟି ହୋଇଛି । ଏହାଛଡା ପୋଖରୀ ନିଲାମ, ଦୋକାନ ଭଡା ଆଦାୟ, ପାର୍କିଙ୍ଗ ଆଦାୟ , ସୂଚନା ପ୍ରଦାନ, ଓ ଆସେମ୍ବଲି ପ୍ରଶ୍ନୋତର ଇତ୍ୟାଦି ଦାୟିତ୍ୱ ଦିଆଯାଇଛି । ଏଠାରେ ପ୍ରଶ୍ନ ଉଠେ ପୌରାଧିକାରିଣୀ କାହିକି କାର୍ଯ୍ୟାଳୟରେ ସ୍ଥାୟୀ ତଥା ଅଭିଜ୍ଞ କର୍ମଚାରୀ ଥାଉ ଥାଉ ସେ ଅସ୍ଥାୟୀ କର୍ମଚାରୀଙ୍କ ହାତରେ ଏପରି ଗୁରୁ ଦାୟୀତ୍ୱ ପ୍ରଦାନ କରିଛନ୍ତି ଯାହା ସନ୍ଦେହ ଘେରରେ। ଏହା ଛଡା ଅନେକ କର୍ମଚାରୀ ନିଜ ପରବାରର ବନ୍ଧୁ ବର୍ଗଙ୍କ ନାମରେ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତା କାର୍ଡ ଇତ୍ୟାଦି କରିଛନ୍ତି ଯାହା ଜନସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି ତେଣୁ ଯଥା ଶୀଘ୍ର ଜିଲା ପ୍ରଶାସନ ଏହା ଉପରେ ବିହିତ କାର୍ଯ୍ୟାନୁଷ୍ଠାନ କରିବା ପାଇଁ ଦାବୀହେଉଛି ।

ଗୋଲାମୁଣ୍ଡା ବ୍ଲକରେ ଜଳ ଜୀବନ ମିଶନ ଫେଲ

ଧର୍ମଗଡ,(ପି.ଏନ): କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକରେ ଗ୍ରୀଷ୍ମପ୍ରବାହ ଆରମ୍ଭରୁ ଲୋକ ପାଣି ପାଇଁ ତ୍ରାହି ତ୍ରାହି ଡାକିଲେଣି । ବର୍ତ୍ତମାନ ନଈ ନାଳ ଶୁଖିବା ଆରମ୍ଭ ହୋଇଥିବା ବେଳେ ଭୂତଳ ଜଳ ମଧ୍ୟ କମିବାରେ ଲାଗିଲାଣି । ଗୋଟିଏ ପଟେ ବସୁଧା ଚାଲୁ ନ ଥିବା ବେଳେ ଅନ୍ୟପଟେ ମେଗା ପ୍ରୋଜେକ୍ଟ ଟଙ୍କା ପ୍ରବଳ କୁ କାମ ଦୁର୍ବଳ ହେଉଛି । ବର୍ତ୍ତମାନ ପାଣି ପାଇଁ ଲୋକେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ କରୁଛନ୍ତି । କିଡନୀ ରୋଗ ଜୀବନ ନେଉଥିଲେ ସୁଦ୍ଧା ନଳକୂପର ଫ୍ଲୋରାଇଡ଼ ପାଣି ପିଇ ଶୋଷ ମେଣ୍ଟାଇବା ପାଇଁ ମହିଳାଙ୍କ ଲମ୍ବା ଲାଇନ ଦେଖିବାକୁ ମିଳୁଛି । ଗୋଲାମୁଣ୍ଡା ବ୍ଲକର ଫରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଅମଠା ଗ୍ରାମର ୪ ନମ୍ବର ୱାର୍ଡ ରେ ମହିଳାମାନେ ପ୍ରତିଦିନ ପାଣି ପାଇଁ ସଂଘର୍ଷ କରୁଛନ୍ତି । ବାସୁଧା ଅଛି,ଘରକୁ ଘର ପାଣି ସପ୍ଲାଇ ହୋଇଛି, ଷ୍ଟାଣ୍ଡପୋଷ୍ଟ ନିର୍ମାଣ ହୋଇ କି ଭାଙ୍ଗି ମଧ୍ୟ ଗଲାଣି ହେଲେ ଦିନେ ବି ପାଣି ଟୋପେ ପାଇ ନାହାଁନ୍ତି । ସେହିଭଳି ମେଗା ପ୍ରୋଜେକ୍ଟ ପକ୍ଷରୁ ପ୍ରତି ଘରେ ପାଇପ ବିଛାଇ ପାଣି ସଂଯୋଗ କରାଯାଇଛି, କିନ୍ତୁ କେବେ ବି ପାଣି ଟୋପେ ପାଇ ନାହାଁନ୍ତି । ଫ୍ଲୋରାଇଡ଼ ପାଣି ପିଇଲେ କିଡନୀ ରୋଗ ହୋଇ ଜୀବନ ଯିବା ସୁନିଶ୍ଚିତ ବୋଲି ଜାଣିଛନ୍ତି । ହେଲେ ଅନ୍ୟ ଉପାୟ ନ ପାଇ ବାଧ୍ୟ ହୋଇ ଶୋଷ ମେଣ୍ଟାଇବା ପାଇଁ ମହିଳା ମାନେ ନଲ କୂପରେ ଲାଇନ୍ ଲାଗି ପାଣି ନେଇ ଥାନ୍ତି ।ଗୋଲାମୁଣ୍ଡା ବ୍ଲକରେ ନିର୍ମାଣ ହେଉଥିବା ମେଗା ପ୍ରୋଜେକ୍ଟ କଥା ନ କହିଲେ ଭଲ । ଏହି ମେଗା ପ୍ରୋଜେକ୍ଟରେ ଟଙ୍କା ପ୍ରବଳ କିନ୍ତୁ କାମ ସମ୍ପୂର୍ଣ୍ଣ ଭାବେ ଦୁର୍ବଳ । ବ୍ଲକର ୨୮ ଟି ପଞ୍ଚାୟତର ୧୨୧ ଗାଁ କୁ ବିଶୁଦ୍ଧ ପାନୀୟ ଜଳଯୋଗାଣ ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ୧୬୮ କୋଟି ଟଙ୍କା ବିନିମୟରେ ବନ୍ଧାଗାଁ ନିକଟସ୍ଥ ତେଲନଦୀ କୂଳରେ ମେଗା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରାଯାଇଥିଲା । ଏହି କାମକୁ ହାଇଦ୍ରାବାଦର ମେଘା ଇଂଜିନିୟରିଂ ଆଣ୍ଡ ଇନଫ୍ରାକ୍ଟଣ୍ଟର ଲିମିଟେଡ୍‌କୁ ପ୍ରଦାନ କରାଯାଇଥିଲା । ଏହି କାମ ଗତ ୨୦୨୧ ମସିହା ମାର୍ଚ୍ଚ ୧୦ ତାରିଖରେ ଆରମ୍ଭ ହୋଇଥିବା ବେଳେ ଚଳିତ ମାର୍ଚ୍ଚ ମାସ ୯ ତାରିଖରେ ଶେଷ ହୋଇଥିବା ନେଇ ସୂଚନା ବୋର୍ଡରେ ଉଲ୍ଲେଖ ହୋଇଛି । ହେଲେ ୧୨୧ ଗାଁ ବଦଳରେ ୧୨ଟି ଗାଁ କୁ ପାଣି ଯୋଗାଇ ଦିଆଯାଇଛି ।

ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତ୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି।। ଏହି ଗ୍ରାମବାସୀଙ୍କ ନିକଟରେ ଏ ପଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା।

ଇଙ୍ଗା ଏବଂ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ତରଫରୁ ସ୍ୱାସ୍ଥ୍ୟ ଶିବିର

ଦାନଗଦୀ, (ପି ଏନ୍) :- ଇଙ୍ଗା ଶିଳ୍ପ ଗୋଷ୍ଠୀର ସାମାଜିକ ଦାୟିତ୍ୱ ବୋଧ ଶାଖା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ତରଫରୁ ଏକ ସ୍ୱାସ୍ଥ୍ୟସେବା ଶିବିର ସ୍ଥାନୀୟ ଚାନ୍ଦିଆ ପଞ୍ଚାୟତର ଗୋଲାଗାଁ ଉଚ୍ଚ ବିଦ୍ୟାଳୟ ପରିସରରେ ତା୨୨.୦୩.୨୦୨୫ରିଖ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ସ୍ଥାନୀୟ ଯୁବନେତା ତଥା ବୁଦ୍ଧିଜୀବୀ ଶ୍ରୀ ସବ୍ୟସାଚୀ ବଳସାମନ୍ତ (ଭିକି) ଉଦଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବରେ ଅଞ୍ଚଳର ଦାନଗଦି ମଣ୍ଡଳ ସଭାପତି ଶ୍ରୀ କୃପାସିନ୍ଧୁ ସାମନ୍ତରାୟ,ସମାଜସେବୀ ଶ୍ରୀ ହଲଧର ନାୟକଶ୍ରୀ ଦିଲୀପ ନାୟକ, ,ଶ୍ରୀ ରାଜୁ କାଲୁଣ୍ଡିଆ, ଶ୍ରୀ ସଞ୍ଜୟ କୁମାର ମହାନ୍ତି, ବିଜେପି ଯୁବନେତା ରବୀନ୍ଦ୍ର ସାମଲ,ଶ୍ରୀ ଜିତେନ୍ଦ୍ର ବେହେରା ଯୋଗ ଦେଇ ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ ଓ ଇଙ୍ଗାର ଏତାଦୃଶ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଅଞ୍ଚଳରେ ଏହିଭଳି କାର୍ଯ୍ୟକ୍ରମ ପାଇଁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ । ଇଙ୍ଗା ତରଫରୁ ଜିଏମ ଶ୍ରୀ ନିହାର ରଞ୍ଜନ ବଳ, ଜିଏମ ଶ୍ରୀ ସଞ୍ଜୟ ଗୁଲାଟି, ଡି.ଜି.ଏମ. ଶ୍ରୀ ମାନସ ରଞ୍ଜନ କର, ଓ ଫାଉଣ୍ଡେସନର ମ୍ୟାନେଜର ଶ୍ରୀ ସୁଦର୍ଶନ ଦାସ ଯୋଗଦେଇ ଥିଲେ। ଦାନଗଦି ବ୍ଲକ ସି.ଏଚ୍.ସିର ସ୍ତ୍ରୀ ରୋଗ, ଶିଶୁରୋଗ ଓ ଭେଷଜ ବିଭାଗର ବରିଷ୍ଠ ବିଶେଷଜ୍ଞ ଡକ୍ଟର ଜ୍ୟୋତି ମହାପାତ୍ର, ଡକ୍ଟର ପ୍ରୟାଗଜିତ ରାଉତରାୟ, ଡକ୍ଟର ସାଇ ସିକନ ଜେନା ପ୍ରମୁଖ ଯୋଗ ଦେଇ ରୋଗୀ ମାନଙ୍କ ଚିକିତ୍ସା କରିଥିଲେ । ଏହି ସ୍ୱାସ୍ଥ୍ୟସେବା ଶିବିରରେ ସ୍ଥାନୀୟ ଗୋଲାଗାଁ, ବାଇ ସାହି, ଭିତର ମାଣିକା, ଅଙ୍କୁରପାଳ, କଚେରୀ ଗାଁ, ଚାନ୍ଦିଆ ଇତ୍ୟାଦି ଗ୍ରାମର ୨୭୬ଜଣ ରୋଗୀଙ୍କ ଚିକିତ୍ସା କରାଯିବା ସହିତ ମାଗଣାରେ ଔଷଧ ବଣ୍ଟାଯାଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଶ୍ରୀମତୀ ସରିତା ଜାମୁଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେସନର ଅଧିକାରୀ ଆଶିଷ ଦାସ, ମହାମାୟା ମହାଦେବ ପାଳ ଓ ଇଙ୍ଗାର ଅଧିକାରୀ ସୁଜିତ ରାଉତ, ସିଦ୍ଧାର୍ଥ ପଟ୍ଟନାୟକ ଓ ପୂର୍ଣ୍ଣ ପଣ୍ଡିତା ପରିଚାଳନା କରିଥିଲେ ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ଖୋଲ ପର୍ଯ୍ୟବେକ୍ଷକ

Bhubaneswar Sunday March 23 | ଭୁବନେଶ୍ୱର ରବିବାର, ମାର୍ଚ୍ଚ ୨୩, ୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com

ଅନୁକମ୍ପାମୂଳକ ନିଯୁକ୍ତି ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ଭୁବନେଶ୍ୱର,(ପି.ଏନ): ଅନୁକମ୍ପାମୂଳକ ନିଯୁକ୍ତି ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟ ପୁଣି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଏହି ନିଯୁକ୍ତି ସଂକ୍ରାନ୍ତରେ ୨୦୨୦ ମସିହାରେ ନୂଆ ଆଇନ୍ ପ୍ରଣିତ ହେବା ପୂର୍ବରୁ ଅନୁକମ୍ପାମୂଳକ ନିଯୁକ୍ତି ସଂକ୍ରାନ୍ତୀୟ ଯେତେସବୁ ଦରଖାସ୍ତ ରହିଛି ତାହାକୁ ୧୯୯୦ର ମୂଳ ଆଇନ୍ ଆଧାରରେ ଫଇସଲା କରିବା ଲାଗି ଏହି ରାୟରେ କୁହାଯାଇଛି ।ମାମଲାର ବିବରଣୀରୁ ପ୍ରକାଶ ଯେ ଓଡ଼ିଶା ଖଣି ନିଗମ ଅଧୀନରେ ଅଲେଖ ଚନ୍ଦ୍ର ଜେନା ଜଣେ ନିୟମିତ କର୍ମଚାରୀ ଭାବେ କାମ କରୁଥିବା ବେଳେ ୨୦୧୭ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା । ପରିବାରର ଆର୍ଥିକ ଅବସ୍ଥା ଆଦୌ ଭଲ ନଥିବା ଏବଂ ତାଙ୍କ ବିଧବା ପତ୍ନୀ ଅସୁସ୍ଥ ଥିବା ପରିପ୍ରେକ୍ଷୀରେ ପରିବାରର ସର୍ବସମ୍ମତ ନିଷ୍ପତ୍ତି ଅନୁଯାୟୀ ପୁଅ ଅମୀୟ କୁମାର ଜେନା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରମାଣପତ୍ର ସହିତ ଅନୁକମ୍ପାମୂଳକ ନିଯୁକ୍ତି ଲାଗି ଆବେଦନ କରିଥିଲେ । ତଦନ୍ତ ପରେ ୨୦୧୯ ମସିହାରେ ତାଙ୍କୁ ସାକ୍ଷାତକାର ପାଇଁ ଡକାଯାଇଥିଲା ଏବଂ ଅମୀୟ ଜଣେ ବାଣିଜ୍ୟ ସ୍ନାତକ ସହିତ ପିଜିଡିସିଏ ଯୋଗ୍ୟତା ହାସଲ କରିଥିବାରୁ ତାଙ୍କୁ ଜୁନିଅର ଆକାଉଣ୍ଟାଣ୍ଟ ଭାବେ ନିଯୁକ୍ତି ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିଲା । କିନ୍ତୁ ୨୦୨୦ରେ ସରକାର ନୂଆ ଆଇନ୍ ପ୍ରଣୟନ କରିବାରୁ ଅମୀୟଙ୍କ ଅନୁକମ୍ପାମୂଳକ ନିଯୁକ୍ତି ଆବେଦନକୁ କର୍ତ୍ତୃପକ୍ଷ ୨୦୨୧ ମସିହାରେ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ଏ ସଂକ୍ରାନ୍ତରେ ବାରମ୍ବାର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଅମୀୟ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାନ୍ୟବର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଏହି ମାମଲାର ଶୁଣାଣି କରି ୨୦୨୧ ମସିହାରେ କର୍ତ୍ତୃପକ୍ଷ ଯେଉଁ ଆଦେଶ ଦେଇଥିଲେ ତାହାକୁ ନାକଚ କରିଦେବା ସହିତ ୧୯୯୦ ମସିହାର ମୂଳ ଅନୁକମ୍ପାମୂଳକ ଆଇନ୍ ଓ ତାହାର ୨୦୧୭ ମସିହାର ସଂଶୋଧନ ଆଧାରରେ ଆବେଦନକାରୀଙ୍କ କଥା ବିଚାର କରିବାକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏ ସଂକ୍ରାନ୍ତରେ ଓଡ଼ିଶା ହାଇକୋର୍ଟ ମଳୟାନନ୍ଦ ସେଠୀ, ବିନ୍ଦୁ ସାଗର ସାମନ୍ତରାୟ, ବିଶ୍ୱଜିତ ସ୍ୱାଇଁ, ଅନୀଲ ପାଢ଼ୀ ଆଦି ମାମଲାକୁ ନଜିର ଭାବେ ଦର୍ଶାଇଛନ୍ତି । ଆବେଦନକାରୀଙ୍କ ପିତା ଓଏମ୍‌ସି ଅଧୀନରେ ଚାକିରି କରୁଥିବା ବେଳେ ୨୦୧୭ ମସିହାରେ ତାଙ୍କର ଦେହାନ୍ତ ହୋଇଥିବାରୁ ସେତେବେଳେ ପ୍ରଚଳିତ ଥିବା ଅନୁକମ୍ପାମୂଳକ ନିଯୁକ୍ତି ଆଇନ୍ ଆଧାରରେ ତାଙ୍କ ଆବେଦନକୁ ବିଚାର କରାଯିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ ସ୍ପଷ୍ଟ ଭାବେ କହିଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ପ୍ରହଲାଦ କୁମାର ସିଂହ ଓ ଅମୀୟ କୁମାର ଛାଟୋଇ ମାମଲା ପରିଚାଳନା କରୁଥିଲେ ।

ଇତିମଧ୍ୟରେ ହାଇକୋର୍ଟଙ୍କ ରାୟର ପ୍ରତିଲିପି ଆବେଦନକାରୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିଛନ୍ତି । ସଂଯୋଗକ୍ରମେ ଏହି ମାମଲାର ରାୟ ପ୍ରକାଶ ପାଇବା ପରେ ଓଡ଼ିଶା ସରକାର ତାଙ୍କ କ୍ୟାବିନେଟ୍ ବୈଠକରେ ଅନୁକମ୍ପାମୂଳକ ନିଯୁକ୍ତି ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି । ଓଡ଼ିଶା ସରକାର ନେଇଥିବା ନିଷ୍ପତ୍ତିରେ ଦର୍ଶାଇଛନ୍ତି ଯେ ୨୦୨୦ର ସଂଶୋଧିତ ଅନୁକମ୍ପାମୂଳକ ନିଯୁକ୍ତି ଆସିବା ପୂର୍ବରୁ ଯେତେସବୁ ଅନୁକମ୍ପାମୂଳକ ନିଯୁକ୍ତି ଆବେଦନ ରହିଛି ସେସବୁକୁ ୧୯୯୦ର ମୂଳ ଆଇନ୍ ଆଧାରରେ ବିଚାର କରାଯିବ । ଏଠାରେ ଉଲ୍ଲେଖନୀୟ ଯେ ମଳୟାନନ୍ଦ ସେଠୀ ମାମଲାରେ ସୁପ୍ରିମକୋର୍ଟ ଅନୁରୂପ ରାୟ ଦେବା ପରେ ଓଡ଼ିଶା ସରକାର ତାହାର ଅନୁପାଳନ କରି ମଳୟାନନ୍ଦଙ୍କୁ ନିଯୁକ୍ତି ଦେଇଥିଲେ ମଧ୍ୟ ସମାନ ମାମଲାଗୁଡ଼ିକରେ ରାୟର ଅନୁପାଳନ କରିବା ପରିବର୍ତ୍ତେ ତାହାର ବିରୋଧରେ ଅପିଲମାନ କରିଛନ୍ତି । ଏଥିଯୋଗୁ ଗୋଟିଏ ପଟେ ସରକାରଙ୍କ ଉପରେ ମାମଲାର ଚାପା ବଢୁଥିବା ବେଳେ ଅନ୍ୟପଟେ ନିଯୁକ୍ତି ପାଇବାରୁ ବଞ୍ଚିତ ହୋଇ ଅନେକ ପରିବାର ମାନସିକ ଓ ଆର୍ଥିକ ଦୁଃସ୍ଥିତି ମଧ୍ୟରେ ଗତି କରୁଛନ୍ତି । କେବଳ ସେତିକି ନୁହେଁ, ଅନୁକମ୍ପାମୂଳକ ନିଯୁକ୍ତି ସଂକ୍ରାନ୍ତରେ ହାଇକୋର୍ଟଙ୍କ ରାୟର ତ୍ୱରିତ ଅନୁପାଳନ କରାଯାଇନଥିବାରୁ ବହୁ ଅଦାଲତ ଅବମାନନା ମାମଲାରେ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଛନ୍ଦି ହେବାକୁ ବାଧ ହେଉଛନ୍ତି । ଅମୀୟ କୁମାର ଜେନା ମାମଲାରେ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଏବଂ ଇତିମଧ୍ୟରେ ରାଜ୍ୟ କ୍ୟାବିନେଟ୍ ଏ ବ୍ୟାପାରରେ ନେଇଥିବା ନିଷ୍ପତ୍ତି ନିଯୁକ୍ତି ପ୍ରତ୍ୟାଶି ଓ ସେମାନଙ୍କ ପରିବାରରେ ଆଶା ସଂଚାର କରିଛି ।

ଧନୁର୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମନୋନୟନ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,(ପି.ଏନ): ଧନୁର୍ଜୟ ବିଶ୍ୱାଳ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଚଳିତ ବର୍ଷ ବାସନ୍ତୀ ଦୁର୍ଗାପୂଜା ଉପଲକ୍ଷେ ବସପୁର, ଚଉଦକୁଲାଟ ଠାରେ ଆସନ୍ତା ଅପ୍ରେଲ ମାସ ୭ ତାରିଖରେ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହେବ। ସେହି ଉତ୍ସବ ନିମନ୍ତେ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ପ୍ରତିଭା ସମ୍ପନ୍ନ ବ୍ୟକ୍ତିବିଶେଷଙ୍କ ମନୋନୟନ କରାଯିବ । ସମାଜସେବା, ସାହିତ୍ୟ, ସାମ୍ବାଦିକତା, କଳା ଓ ସଂସ୍କୃତି, ସଙ୍ଗୀତ ଓ କ୍ରୀଡା ପ୍ରଭୃତି କ୍ଷେତ୍ରରେ ପରଦର୍ଶିତା ଲାଭ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ଚୟନ କରାଯାଇ ସମ୍ମାନୀତ କରାଯିବ। ଏଥିନିମନ୍ତେ ଟ୍ରଷ୍ଟ ପକ୍ଷରୁ ଡ. ହିମାଂଶୁ ଭୂଷଣ ପରିଡାଙ୍କୁ ସହଯୋଗ କରିବା ନିମନ୍ତେ ଟ୍ରଷ୍ଟର ଅଧ୍ୟକ୍ଷ ବିଶିଷ୍ଟ ସମାଜସେବୀ ଇଂ ଭଗବାନ ବିଶ୍ୱାଳ ଜନସାଧାରଣଙ୍କୁ ନିବେଦନ କରିଛନ୍ତି ।

ନୂଆଦିଲ୍ଲୀରେ ବିଶ୍ୱ ପଖାଳ ଦିବସ ପାଳନ : ବିଶ୍ୱ ପଖାଳ ଦିବସ ଉପଲକ୍ଷେ ନୂଆଦିଲ୍ଲୀର ହାଉଜ୍‌ଖାସ ଜଗନ୍ନାଥ ମନ୍ଦିରରେ ପ୍ରସାଦ ପଖାଳ ସେବନ ଆୟୋଜନ

ପାଟଣେଶ୍ୱରୀ ମନ୍ଦିର ଗମ୍ଭିରା ଘର ଚୁନ ପଥର ଖସୁଛି ଦେବାଳୟ ସୁରକ୍ଷା କମିଟି ଉପଜିଲ୍ଲାପାଳଙ୍କୁ ଦାବି ଜଣାଇଲେ

ବଲାଙ୍ଗିର,(ପି.ଏନ): ଦେବାଳୟ ଏବଂ ଐତିହ୍ୟ ସୁରକ୍ଷା କମିଟି ବଲାଙ୍ଗିର ଜିଲ୍ଲାର ପାଟଣା ରାଜ୍ୟର ଇଷ୍ଟଦେବୀ ମାଁ ପାଟଣେଶ୍ୱରୀ ମନ୍ଦିର ଗର୍ଭଗୃହ ରେ ଚୁନ ପଥର ଖସୁଥିବାରୁ ଏହା ଜିଲ୍ଲା ପାଇଁ ଅଶୁଭ ସଂକେତ ଓ ଭକ୍ତଙ୍କ ମନରେ ଅଶାନ୍ତି ପ୍ରକଟ ହେଉଥିବାରୁ ଦେବାଳୟ ସୁରକ୍ଷା କମିଟିର ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଉପ-ଜିଲ୍ଲାପାଳ ଆଲୋକ କୁମାର ପଟେଲଙ୍କୁ ୪ ଦଫା ଦାବି ପ୍ରଦାନ କରିଥିଲେ ଯ୍ଯ ଏହି ମନ୍ଦିର ର ଉନ୍ନତିକରଣ ପାଇଁ ଗତ ଜାନୁୟାରୀ ତା.୦୩.୦୧.୨୦୨୪ ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ମାଁ ପାଟଣେଶ୍ୱରୀ ମନ୍ଦିର ଉନ୍ନତିକରଣ ପାଇଁ ଅଟକଳ ୧ କୋଟି ୧୨ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ବେଳେ ଭକ୍ତ ଓ ଲୋକଙ୍କ ଦାବିରେ ପ୍ରଶାସନ ଡିପିଆର ପ୍ରସ୍ତୁତ କରି ମାଁ ପାଟଣେଶ୍ୱରୀ ମନ୍ଦିର ର ଯଜ୍ଞ ମଣ୍ଡପ, ରୋଷେଇଶାଳା, ଭୋଗ ମଣ୍ଡପ, ସେବାୟତ ପାଇଁ ବିଶ୍ରାମ ଗୃହ, ସୌନ୍ଦର୍ଯ୍ୟକରଣ ଓ ପରିକ୍ରମା ପ୍ରକଳ୍ପ ଓ ମୁଖ୍ୟ ଗେଟ ଡିପିଆର ରେ ସ୍ଥାନ ପାଇଥିଲା । ଏକ ବର୍ଷରୁ ଉର୍ଦ୍ଧ୍ୱ ହୋଇଯିବ ମୁଖ୍ୟ ଗେଟ ନିର୍ମାଣ କରି ଓ ମନ୍ଦିରର ପାଶ୍ୱର୍ରେ କାର୍ଯ୍ୟ ଚାଲିଥିବା ବେଳେ ଡିପିଆର ସମ୍ପୂର୍ଣ୍ଣ ବଦଳି ଯାଇଛି । ମନ୍ଦିରର ସୌନ୍ଦର୍ଯ୍ୟକରଣ ଅଧାପନ୍ତରିଆ ହୋଇ କାର୍ଯ୍ୟ ଚାଲିଛି । ଡିପିଆର ସମ୍ପୂର୍ଣ୍ଣ ବଦଳାଇ ଦେଇଥିବାରୁ ଭକ୍ତଙ୍କ ମନରେ ଅସନ୍ତୋଷ ପ୍ରକାଶ ହୋଇଥିଲା । ମାଁ ପାଟଣେଶ୍ୱରୀ ମନ୍ଦିର ମୁଖ୍ୟ ଗମ୍ଭିରାଘର ରେ ଚୁନ ପଥର ଦେବୀ ଙ୍କ ପ୍ରତିମୂର୍ତ୍ତି ଉପରେ ଖସୁଥିବା ବେଳେ ଏହା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଦାବି କରୁଛୁ । ମାଁ ପାଟଣେଶ୍ୱରୀ ଦେବୀଙ୍କ ଗମ୍ଭିରା ଘରେ ଚୁନ ପଥର ଖସୁଥିବା ବେଳେ ମରାମତି ପାଇଁ ଦାବି, ମନ୍ଦିର ନିର୍ମାଣ ୧୮୭୨ ମସିହା ରେ ୨୦୨୫ ଯାଏ ଏ ଯାଏଁ ଗମ୍ଭିରା ଘର ମରାମତି କରାଯାଇନାହିଁ । ଆଗକୁ ବର୍ଷା ଅଛି, ମନ୍ଦିର ବିପଦମୁଖ ଅବସ୍ଥାରେ ଥିବା ହେତୁ ଏହାକୁ ମରାମତି କରିବାକୁ ଦାବି, ୨୦୨୩ ରେ ଡିପିଆର ତିଆରି ହୋଇଥିବା କାର୍ଯ୍ୟକରାଯାଉ ଆମର ଦାବି, ମାଁ ପାଟଣେଶ୍ୱରୀ ମନ୍ଦିର ୧୫୦ ବର୍ଷ ପୂର୍ତ୍ତି ଅବସରେ ବଲାଙ୍ଗିର ସହରର ପ୍ରବେଶ ଦ୍ୱାରରେ ମୁଖ୍ୟ ଗେଟ ନିର୍ମାଣ କରିବା ପାଇଁ ଦାବି । ଉପ-ଜିଲ୍ଲାପାଳଙ୍କ ସହ ଆଲୋଚନା କରି ଦାବି ଗୁଡିକୁ କମିଟି ସଦସ୍ୟମାନେ ଜଣାଇଥିଲେ । ଉପଜିଲ୍ଲାପାଳ ପ୍ରତିଶୃତି ଦେଇଥିଲେ ରନ୍‌ତତ୍ତ୍ୱ ବିଭାଗ ଏବଂ କମିଟି ଗଠନ ହୋଇ ଏ ଉପରେ ଉଚ୍ଚିତ ପଦକ୍ଷେପ ନିଆଯିବ । ବଲାଙ୍ଗିର ସହରର ୯ ଗୋଟି ମନ୍ଦିର ଉନ୍ନତି ସକାଶେ ଏବଂ ଐତିହ୍ୟ କୀର୍ତ୍ତି ସାଇନବୋର୍ଡ ଲଗାଯିବ ଏବଂ ଦେବୋତ୍ତର ବିଭାଗ ତରଫରୁ ମନ୍ଦିର ଐତିହ୍ୟ ପୁସ୍ତକଟି ପ୍ରକାଶିତ ହେବ । ଭକ୍ତମାନେ ଦେଉଥିବା ଅନୁଦାନ ମନ୍ଦିରରେ ସୂଚନା ବୋର୍ଡ ଲଗାଯିବ ଏବଂ ମନ୍ଦିର ସୁରକ୍ଷା ପାଇଁ ତଦାରଖ କମିଟି ଗଠନ କରାଯିବା ପାଇଁ ପ୍ରତିଶୃତି ଦେଇଛନ୍ତି । ନାଗରିକ କମିଟିର ସଂପାଦକ ମଧୁସୁଦନ ନାୟକ, ଶମ୍ଭୁ ପ୍ରସାଦ ଶତପଥି, ରିଣ୍ଟୁ ସାହୁ, ପ୍ରଶାନ୍ତ ମହାକୁର, ପ୍ରଶନ୍ନ ମିଶ୍ର, ନରେନ୍ଦ୍ର କବାଟ, ସୁରେନ୍ଦ୍ର ନେଗୀ ଉପସ୍ଥିତ ଥିଲେ ।

ଲୌହମୁକ୍ତ ପାନୀୟ ଜଳ ବିଶୁଦ୍ଧିକରଣ ପ୍ରକଳ୍ପ ଲୋକାର୍ପିତ

କୋଣାର୍କ,(ପି.ଏନ) : ଗୋପ ବ୍ଲକ ଅନ୍ତର୍ଗତ ସୁତନ ଗ୍ରାମପଞ୍ଚାୟତର ହାଟୁଆଦଣ୍ଡା, ଭିଙ୍ଗୁରାଡ଼ିହି ଓ ସୁତନ ଗ୍ରାମରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋଲାର ଓ ଲିଭ ପିଓର ଫାଉଣ୍ଡେସନଙ୍କ ମିଳିତ ସହଯୋଗରେ ଗ୍ରାମବାସୀ ମାନଙ୍କୁ ସୌରଶକ୍ତି ଚାଳିତ ଲୌହମୁକ୍ତ ବିଶୁଦ୍ଧ ପାନୀୟ ଜଳ ବିଶୁଦ୍ଧିକରଣ ପ୍ରକଳ୍ପ ଲୋକାର୍ପିତ ହୋଇଯାଇଛି । ଗ୍ରାମରେ ଥିବା ସରକାରୀ ନଳକୂପର ଜଳକୁ ପଞ୍ଚ ଜରିଆରେ ସୌର ଚାଳିତ ଲୌହ ଜଳ ଅବସାରଣ ପ୍ରକଳ୍ପମାନ ସ୍ଥାପନ କରି ଏକ ସରଳ ଜଳ ବିଶୁଦ୍ଧି କରଣ ପ୍ରକ୍ରିୟା ମାଧ୍ୟମରେ ଜଳରୁ ହାନି କାରକ ବର୍ଜ୍ୟ ବାହାର କରି ବିଶୁଦ୍ଧ ପାନୀୟ ଜଳ ପାଇବାର ବ୍ୟବସ୍ଥା କରିବା ସହ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବା ସହିତ ଗ୍ରାମବାସୀ ଓ ଗ୍ରାମରେ ଥିବା ଜଳ ଓ ପରିମଳ କମିଟିକୁ ଏକ ହସ୍ତାନ୍ତର ପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ହାଟୁଆଦଣ୍ଡା ଗ୍ରାମ୍ୟ କୋଠ ଘରଠାରେ ଏକ ସାଧାରଣ ସଭାରେ ସୁତନ ପଂଚାୟତର ସରପଞ୍ଚ ମେନକା ବେହେରା, ସମିତିସଭ୍ୟ କାଶୀନାଥ ନାୟକ, ଗ୍ରାମର ସଭାପତି ପୂର୍ଣଚନ୍ଦ୍ର ସାହୁ, ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାଶ, ପ୍ରକଳ୍ପ ଅଧିକାରୀ ଚିତ୍ତରଞ୍ଜନ ପରିଡା, ଏମଇ. କନସଲଟାଣ୍ଟ ପୂର୍ଣଚନ୍ଦ୍ର ମହନ୍ତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଗୋପ ବ୍ଲକର ସୁତନ, ତରକର, କୁଆପଡା ଓ ଅନ୍ୟ ଆଖ ପାଖ ପଞ୍ଚାୟତରେ ଘଟୁଥିବା ଜଳ ଜନିତ ସମସ୍ୟା ଓ ବିକାଶର ସମାଧାନ ପାଇଁ ଲିଭ ପିଓର ଫାଉଣ୍ଡେସନର ଆର୍ଥିକ ସହାୟତା ରେ ୨୦୨୪- ୨୫ ବର୍ଷରେ ଗୋପ ବ୍ଲକରେ ୧୦ଟି ଏବଂ କାକଟପୁର ବ୍ଲକରେ ୧୦ଟି ଲୌହଜଳ ଅପସାରଣ ପ୍ରକଳ୍ପ ସ୍ଥାପନ କରାଯାଇଥିବାରୁ ଉଭୟ ସୋଲାର ଓ ଲିଭପିଓର ଫାଉଣ୍ଡେସନକୁ କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମକୁ ସୋଲାରର ସ୍ୱେଚ୍ଛାସେବୀ ପ୍ରେମାନନ୍ଦ ସାମନ୍ତରାୟ ଓ ଶିଖାରାଣୀ ବେଉରା ପ୍ରମୁଖ ପରିଚାଳନା କରିଥିଲେ ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray